ଅ ଆ କ ଖ...

‘ମୋ ସ୍କୁଲ୍’ ହାଲଚାଲ

‘ମୋ ସ୍କୁଲ୍’ ଅଭିଯାନ ସୂଚନାପତ୍ର ॥ ୧୪ ନଭେମ୍ବର ୨୦୨୨

'ମୋ ସ୍କୁଲ୍' ଆପ୍

SCAN ME
Android

SCAN ME
iOS

"ଆମ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ଭିତରେ ରହିଛି ଅପର୍ଯ୍ୟାପ୍ତ ପ୍ରତିଭା ଏବଂ ଜଗତ ଜିଣିବାର ସାମର୍ଥ୍ୟ । ସୁଯୋଗ ପାଇଲେ, ସେମାନେ ନୂଆ ଇତିହାସ ରଚନା କରିପାରିବେ ।"

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

ମୋ' ବସ୍ତାନିରୁ

ସୁସ୍ମିତା ବାଗ୍‌ଚୀ

ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୭ ମସିହା ନଭେମ୍ବର ୧୪ ତାରିଖରେ ତାଙ୍କର ସ୍ୱପ୍ନର ପ୍ରକଳ୍ପ 'ମୋ ସ୍କୁଲ ଅଭିଯାନ'ର ଶୁଭାରମ୍ଭ କରିଥିଲେ। ପାଞ୍ଚ ବର୍ଷର ସ୍ୱଳ୍প ସମୟ ମଧ୍ୟରେ ଅଭିଯାନଟି ଅଭୂତପୂର୍ବ ସଫଳତା ପାଇପାରିଛି। ପୁରାତନ ଛାତ୍ରଛାତ୍ରୀ, ସମାଜ ତଥା ବ୍ୟବସାୟିକ ଅନୁଷ୍ଠାନମାନଙ୍କର ସ୍ୱେଚ୍ଛାକୃତ ସହଯୋଗରେ ଓଡ଼ିଶାର ଅଧିକାଂଶ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କର ଭିତ୍ତିଭୂମି ପରିବର୍ତ୍ତନ ହୋଇପାରିଛି।

ସୁନ୍ଦର ଭିତ୍ତିଭୂମି ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରେ ନିଶ୍ଚୟ, କିନ୍ତୁ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ଏତିକି ଯଥେଷ୍ଟ ନୁହଁ। ଏହି ଚିନ୍ତାଧାରା ନେଇ ପରୀକ୍ଷାମୂଳକ ଭାବରେ ୩୦୦ଟି ଉଚ୍ଚ ବିଦ୍ୟାଳୟରେ ଆକାଂକ୍ଷିତ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ସ୍ଥିର କରାଗଲା। ଆକାଂକ୍ଷିତ ପ୍ରକଳ୍ପ, ଅର୍ଥାତ୍ ଇଂରାଜୀରେ ଯାହାକୁ କୁହାଯାଏ Aspirational programmes। ଏଥିରେ ଉଚ୍ଚକୋଟୀର ଶୈକ୍ଷିକ ବାତାବରଣ ସହିତ ଅନ୍ତର୍ଭୁକ୍ତ ଥିଲା ସଙ୍ଗୀତ, ନୃତ୍ୟ, କଳାର ବିକାଶ, କଥିତ ଇଂରାଜୀରେ ନିପୁଣତା, ବିଭିନ୍ନ ରକମର ଖେଳକୁଦରେ ଦକ୍ଷତା, କୋଡିଙ୍ଗ୍, ଗଣିତ ଓ ବିଜ୍ଞାନରେ ପ୍ରବୀଣତା– ଏଇଭଳି ଅନେକ ସମ୍ଭାବନା ତଥା ଅନୁଦେଶର ସମାହାର।

ନିର୍ଦ୍ଦେଶନାମା ଯିବାର କିଛି ସପ୍ତାହ ପରେ ତିରିଶଟି ଜିଲ୍ଲାରେ ଥିବା ତିନି ଶହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କିଛି ଜିଲ୍ଲାର ଶିକ୍ଷା ପଦାଧିକାରୀମାନଙ୍କ ସହିତ ଆମର ପ୍ରତ୍ୟକ୍ଷ ଭାବରେ ଆଲୋଚନା ହୋଇଥିଲା। ନିର୍ଦ୍ଦେଶନାମା କିଭଳି ଭାବରେ ପାଳନ କରାଯାଉଛି, ଏଥିରେ କୌଣସି ବାଧା ରହୁଛି କି, ଭବିଷ୍ୟତରେ କ'ଣ କରିବାର ଲକ୍ଷ୍ୟ ରହିଛି– ଏଇଭଳି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟମାନଙ୍କ ସହିତ ଜଡିତ ଥିବା ବ୍ୟକ୍ତିମାନେ ଥିଲେ ପ୍ରଧାନ ବକ୍ତା। ମୁଁ ଓ 'ମୋ ସ୍କୁଲ ଅଭିଯାନ'ର ସଦସ୍ୟମାନେ ଥିଲୁ ଶ୍ରୋତା।

କୋଡ଼ିଏଟି ଅଧିବେଶନରେ ଗଭୀର ଆଲୋଚନା। ସବୁ ବିଦ୍ୟାଳୟ ନିର୍ଦ୍ଦେଶନାମା ଅନୁସାରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିରେ ସହଯୋଗ କରୁଛନ୍ତି ପୁରାତନ ଛାତ୍ରଛାତ୍ରୀ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନ ଏବଂ ଛାତ୍ରଛାତ୍ରୀମାନଙ୍କର ପିତାମାତା ଓ ଗୁରୁଜନ। କେତୋଟି ବିଦ୍ୟାଳୟ ଯେ ବିଭିନ୍ନ ବାଧାର ସମ୍ମୁଖୀନ ହେଉନାହାନ୍ତି, ତାହା ନୁହଁ। କିନ୍ତୁ ଏଭଳି ମୁକ୍ତ ଆଲୋଚନାରୁ ସେମାନଙ୍କୁ ଆଗେଇ ଯିବାପାଇଁ କିଛି ପଦ୍ଧତି ତଥା ଅନେକ ଉତ୍ସାହ ମିଳିପାରିଥିଲା।

ସମସ୍ତଙ୍କର ବକ୍ତବ୍ୟ ଶୁଣିବା ବେଳେ କେତୋଟି କଥା ମୋ ମନକୁ ଛୁଇଁ ଯାଇଥିଲା। ସରକାରୀ ନିର୍ଦ୍ଦେଶ ତ ସମସ୍ତେ ପାଳନ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ବେଶ୍ କେତୋଟି ବିଦ୍ୟାଳୟ ଉପଦେଶ ଓ ଅନୁଦେଶର ପରିସର ବାହାରକୁ ଯାଇ ହୃଦୟର ନିର୍ଦ୍ଦେଶକୁ ମଧ୍ୟ ରୂପ ଦେବାକୁ ଆରମ୍ଭ କରିଦେଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ସହିତ ଗୋଟିଏ ଆତ୍ମିକ ସମ୍ପର୍କ ଗଢ଼ି ତୋଳିବାର ପ୍ରୟାସ ଆରମ୍ଭ କରିଦେଇଛନ୍ତି ସେମାନେ।

ଦୁଇଟି ବିଦ୍ୟାଳୟ କଥା ଉଲ୍ଲେଖ ନ କରି ମୁଁ ରହି ପାରୁନାହିଁ। ଗୋଟିଏ ସ୍କୁଲର ପ୍ରଧାନ ଶିକ୍ଷକ କହିଲେ ଯେ ବିଦ୍ୟାଳୟର ପ୍ରତିଟି ଛାତ୍ରଛାତ୍ରୀ ଯେ ଅନନ୍ୟ, ସେଇ ବିଷୟଟି ବିଭିନ୍ନ ଉପାୟରେ ସେ ପ୍ରତିପାଦନ କରାଇବାର ଚେଷ୍ଟା କରନ୍ତି। ସେଥିରୁ ଗୋଟିଏ ହେଲା ଜନ୍ମଦିନ ପାଳନ। ଜଣେ ଛାତ୍ର ବା ଛାତ୍ରୀକୁ ଏଇ ବିଶେଷ ଦିନରେ ପ୍ରାର୍ଥନା ସଭାରେ ଶୁଭେଚ୍ଛା ତ ଜଣାଯାଏ, ତା' ବ୍ୟତୀତ ଏକ ଅନନ୍ୟ ଉପାୟରେ ପାଳନ କରାଯାଏ ଜନ୍ମଦିନଟି। ପିଲାଟି ସେଇଦିନ ବିଦ୍ୟାଳୟର ପରିସରରେ ଗଛଟିଏ ଲଗାଏ। ସେଇ ଗଛଟିର ଯତ୍ନ ନେବା ପାଇଁ ତାକୁ ପ୍ରୋତ୍ସାହିତ କରାଯାଏ। ଅନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଲେ ଯେ ତାଙ୍କର ପ୍ରଧାନ ଲକ୍ଷ୍ୟ ଗୋଟିଏ। ସ୍କୁଲର ପ୍ରତିଟି ଛାତ୍ରଛାତ୍ରୀଙ୍କର ଆତ୍ମବିଶ୍ୱାସ ବଢେଇବା। ସେ ବିଭିନ୍ନ ଉପାୟରେ କେବଳ ଛାତ୍ରଛାତ୍ରୀ ନୁହନ୍ତି, ଛାତ୍ରଛାତ୍ରୀମାନଙ୍କର ପରିବାରକୁ ଜଣାନ୍ତି ଯେ ପ୍ରତ୍ୟେକଙ୍କ ଭିତରେ ନିଶ୍ଚିତ ଭାବରେ କିଛି ଅନ୍ତର୍ନିହିତ ପ୍ରତିଭା, କିଛି ଦକ୍ଷତା ରହିଛି। ସେଇ ପ୍ରତିଭା ତଥା ଦକ୍ଷତାକୁ ବୁଝିବା, ଜାଣିବା ଏବଂ ସର୍ବସମ୍ମୁଖୀନକୁ ଆଣିବା ପାଇଁ ସେ କେବଳ ବ୍ୟକ୍ତିଗତ ଭାବରେ ନୁହଁ, ସମସ୍ତଙ୍କ ସହଯୋଗରେ ଚେଷ୍ଟା କରିଚାଲିଛନ୍ତି।

ଏଇଭଳି କେତେଜଣଙ୍କ କଥା ଓ କାର୍ଯ୍ୟ ମୋତେ ବାସ୍ତବିକ ଅଭିଭୂତ କରିଦେଇଥିଲା। ସେମାନେ କ'ଣ ଉପଲବ୍ଧି କରିଛନ୍ତି ଯେ ବିଦ୍ୟାଳୟର ଶୃଙ୍ଖଳାରେ ପିଲାମାନଙ୍କୁ ରଖିବା ଭିତରେ ସେମାନେ ଅଦ୍ୱିତୀୟ ସମ୍ପର୍କମାନ ସୃଷ୍ଟି କରୁଛନ୍ତି? ଭବିଷ୍ୟତରେ ଏଇ ପିଲାମାନେ ବିଶ୍ୱ-ନାଗରିକ ହେବେ ତ ନିଶ୍ଚୟ, କିନ୍ତୁ ସବୁଠାରୁ ବଡ କଥା, ସେମାନଙ୍କ ଭିତରୁ ଅନେକ ହାତ ବଢ଼େଇ ଦେବେ ନୂତନ ପିଢ଼ିକୁ ଆଗେଇ ନେବାକୁ। ଏପର୍ଯ୍ୟନ୍ତ ପୃଥିବୀରେ ପାଦ ଦେଇ ନ ଥିବା ସେଇ ପିଢ଼ି ସହିତ ଗୋଟିଏ ହାର୍ଦ୍ଦିକ ତଥା ଆତ୍ମିକ ସମ୍ପର୍କ ଗଢ଼ି ତୋଳିବେ ସେମାନେ।

ଅଧକ୍ଷା, ମୋ ସ୍କୁଲ ଅଭିଯାନ

ମୋ ସ୍କୁଲ ପାଇଁ ପଦେ...

ଚୁକୁନି ସାହୁ
ମନ୍ତ୍ରୀ, ଜଳ ସମ୍ପଦ,
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

ମୋ ସ୍କୁଲ କହିଦେଲେ ମୋ ମନ ଭିତରେ ଏକ ଭାବପ୍ରବଣତା ଆସିଯାଏ। ଆପଣମାନେ ମଧ୍ୟ ପଢ଼ିଥିବା ସ୍କୁଲକୁ ନେଇ ବହୁ ଗର୍ବ ଅନୁଭବ କରୁଥିବେ ଓ ମୁଁ ବି କରେ। ପିଲାଦିନର ସେ ସବୁ ସମୟ ମୁଁ ଏବେ ବି ଭୁଲି ନାହିଁ। ଜୀବନ ରାସ୍ତାର ଭିଡ଼ ଭିତରେ ଚାଲୁ ଚାଲୁ ବହୁଦିନ ତଳୁ ସ୍କୁଲ ଜୀବନ ପାର ହେଇ ଯାଇଥିଲେ ମଧ୍ୟ କେତେ କେବେ ନିରୋଳାରେ ବସିଲେ ଅତୀତର ମୋ ବିଦ୍ୟାଳୟ କଥା ମନେ ପଡ଼ିଯାଏ। ସେ ସ୍ମୃତି ମୋ ପାଇଁ ଅଭୁଲା ସ୍ମୃତି।

କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଭାଷାରେ....

"ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତିପରେ ଟେକିଛି ମଥା
ପଢ଼ିଥିଲି ଯହିଁ ପ୍ରଥମ ଅକ୍ଷର
ଶିଖିଥିଲି ଯହିଁ ପ୍ରଥମ କଥା ।"

ସ୍କୁଲ ହେଉଛି ଏକ ମଣିଷ ଗଢ଼ିବା କାରଖାନା। ଏକ ସୁନ୍ଦର ପୃଥିବୀ ଗଠନ କରିବାକୁ ହେଲେ ସ୍କୁଲରୁ ହିଁ ତା'ର ଅଭିଯାନ ଆରମ୍ଭ ହୋଇଥାଏ । ସ୍କୁଲରୁ ଆମର ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶର ମୂଳଦୁଆ ପଡ଼ିଥାଏ। ବିଦ୍ୟା ଆମକୁ କେତେ ଉନ୍ନତ କରେ ତାହା ଆଜି ମୁଁ ପୁଣି ଥରେ କହିବାକୁ ଚାହୁଁଛି। ଜୀବନର ପୂର୍ଣ୍ଣାଙ୍ଗ ବିକାଶରେ ସ୍କୁଲ୍‌ର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ମୋ ଜୀବନର ସର୍ବାଙ୍ଗୀନ ଉନ୍ନତି ହୋଇଛି ମୋ ସ୍କୁଲରୁ। ସକାଳର ସୂର୍ଯ୍ୟୋଦୟ ଆଉ ସନ୍ଧ୍ୟାର ସୂର୍ଯ୍ୟାସ୍ତ ଯେପରି ଅଫେରା ଓ ଅଣ ଲେଉଟା, ସେଭଳି ସ୍କୁଲ୍ ଦିନରେ ବିତାଇଥିବା ପ୍ରତି ମୁହୂର୍ତ୍ତ ଆଜି ମୋ ପାଇଁ ଏକ ଲମ୍ବା ସ୍ୱପ୍ନ। ସ୍କୁଲ୍ ଦିନର ସେହି ଜିଅନ୍ତା ସ୍ମୃତି ଆଉ ଅନୁଭୂତି ଆଜି ମୋତେ ଆଗକୁ ଯିବାର ରାସ୍ତା ଦେଖାଇଛି। ଜୀବନରେ ସଫଳ ହେବାକୁ ପ୍ରେରଣା ଯୋଗାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହେଉଛି ମୋ ସ୍କୁଲ୍। ୧୯୯୧ ମସିହାରେ ମୁଁ ସେଠାରୁ ମାଟ୍ରିକ ପାସ୍ କରିଥିଲି । ସେତେବେଳର ସ୍କୁଲ୍ ଓ ବର୍ତ୍ତମାନର ସ୍କୁଲ ଭିତରେ ଅନେକ ତଫାତ। ମୋ ସ୍କୁଲ ପ୍ରାର୍ଥନାରୁ ଆରମ୍ଭ ହୋଇ ଖେଳରେ ସରୁଥିଲା। ଖାଲି ଗୀତ ଗାଇବା, ପାଠ ପଢ଼ିବା ଆଉ ଖେଳିବାରେ ଆମେ ମଜ୍ଜି ରହୁଥିଲୁ । ସେତେବେଳେ ଆମକୁ ଉତ୍ତମ ସାର୍ ଗଣିତ ପଢ଼ାଉଥିଲେ। ସାର୍‌ଙ୍କର ଶିକ୍ଷାଦାନ ଓ ଶୃଙ୍ଖଳା ମୋ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ସେ ଯେପରି ସରଳ ଓ ସହଜ ଭାବରେ ଗଣିତ ବୁଝାଉଥିଲେ ତାହା ମନେ ରହିଯାଉଥିଲା । ସେ କଥା ଆଜି ମୋର ମନେ ପଡିଯାଏ । କିପରି ଚରିତ୍ରବାନ ଓ ସରଳ ଜୀବନଯାପନ କରିହେବ, ସେ ବିଷୟରେ ଗୁରୁମାନେ ଉପଦେଶ ଦେଉଥିଲେ । ଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିଲେ, ପାଠ ନ ପଢ଼ିଲେ ମାଡ଼ ଖାଇବାକୁ ପଡୁଥିଲା। ଏବେ କିନ୍ତୁ ବିଦ୍ୟାଳୟରୁ ଦଣ୍ଡ ଉଠି ଯାଇଛି।

ଆଜି ସମୟ ବଦଳିଯାଇଛି । ମୋ ସ୍କୁଲରେ ଆଜି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସବୁ ବିଷୟରେ ଶିକ୍ଷା ଦିଆଯାଉଛି। ସରକାର ମାଗଣା ପୋଷାକ, ମଧ୍ୟାହ୍ନ ଭୋଜନ, ମାଗଣା ସାଇକେଲ ଓ ମାଗଣା ବହି ବ୍ୟବସ୍ଥା କରିଛନ୍ତି। ସେଦିନ ଭଳି ଆଜି ଆଉ ପିଲାମାନେ ସ୍କୁଲ ଯିବାକୁ ଡରୁନାହାଁନ୍ତି। ସେଦିନ ଭଳି ଅଧାରୁ ପାଠ ଛାଡୁନାହାଁନ୍ତି। ସେଦିନର ମୋ ସ୍କୁଲ ଆଉ ଆଜିର ମୋ ସ୍କୁଲ ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। ହେଲେ ଗୋଟିଏ କଥା ଏବେ ବି ପୂର୍ବଭଳି ରହିଛି। ତାହା ହେଉଛି ଗଣେଶ ପୂଜା, ସରସ୍ୱତୀ ପୂଜା, ଶିଶୁ ଦିବସ ଓ ଗୁରୁ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ। ଏହି ସବୁ ଦିନଗୁଡିକର ସ୍ମୃତି ଏବେ ବି ତାଜା ହୋଇ ରହିଛି ଓ ସବୁବେଳେ ରହିଥିବ।

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ରୂପ, ରଙ୍ଗ ଓ ଚେହେରା ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜି ବିଜୁବାବୁଙ୍କର ସ୍ୱପ୍ନକୁ ସାକାର କରିବାକୁ ଯାଇ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଯୁଗାନ୍ତକାରୀ ବ୍ୟବସ୍ଥା କରିଛନ୍ତି। ମୁଁ ନିଜକୁ ଆଜି ଓଡ଼ିଆ କହିବାକୁ ଗର୍ବ ଅନୁଭବ କରୁଛି ଓ ମୋର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକତାର ସହ ଧନ୍ୟବାଦ ଦେଉଛି।

ରାଜ୍ୟରେ ଏବେ ୩ୟ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଭିତ୍ତିଭୂମିର ବିକାଶ ସହ ସ୍ମାର୍ଟ କ୍ଲାସ୍‌ରୁମ, ବିଜ୍ଞାନାଗାର ଓ ଅତ୍ୟାଧୁନିକ ଇ-ପାଠାଗାର ବ୍ୟବସ୍ଥା କରାଯାଉଛି। ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଏଥିପାଇଁ ମୁଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ମୋ ସ୍କୁଲ ଅଭିଯାନର କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି। ମୋର ଆଶା ଓ ବିଶ୍ୱାସ ଯେ, ମୋ ସ୍କୁଲକୁ ଆଗକୁ ନେବାରେ ଆମ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରହିବ।

ମୁଁ ସ୍କୁଲ୍‌ଠାରୁ ବିଦାୟ ନେଇଛି ସତ; କିନ୍ତୁ ଆଜି ବି ମୋ ମନରେ ମୋ ସ୍କୁଲର ସମସ୍ତ ସ୍ମୃତି ଅତୁଟ ରହିଛି ଓ ଆଗକୁ ବି ରହିବ। ଶେଷରେ ଏତିକି କହିବି, ଦେଶ ଓ ସମାଜ ଗଠନରେ ସ୍କୁଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେଉଁ ଦେଶର ସ୍କୁଲ ଯେତେ ଉନ୍ନତ, ସେହି ଦେଶ ସେତେ ବିକଶିତ। ତେଣୁ ସ୍କୁଲ୍ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକାଠି ହୋଇ ଦେଶ ଗଠନରେ ଭାଗିଦାରୀ ହେବେ ବୋଲି ମୋର ଆଶା ଓ ଦୃଢ଼ ବିଶ୍ୱାସ।

ଅଭୁଲା ଅମ୍ଲାନ ସ୍ମୃତି

ଅଶ୍ୱିନୀ କୁମାର ପାତ୍ର
ମନ୍ତ୍ରୀ, ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ, ଓଡ଼ିଶା ସରକାର

ରାଜ୍ୟ ସୀମାନ୍ତ ରାଇବଣିଆ ଥାନା ଅଞ୍ଚଳର ପ୍ରଥମ ଉଚ୍ଚ ବିଦ୍ୟାଳୟ ଦିନକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଖୁଆଡ ୧୯୫୫ ମସିହାରେ ଜନ୍ମଲାଭ କରିଥିଲା । ସେତେବେଳେ ମୋର ବୟସ ୫ ବର୍ଷ । ମୋ ବାପା ପ୍ରଥମ ପ୍ରଧାନ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ, ଏହି ଉଚ୍ଚ ବିଦ୍ୟାଳୟରେ । ୧୯୬୩-୬୪ ମସିହାଠାରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ ଆରମ୍ଭ କରି ୧୯୬୬-୬୭ ମସିହା ପର୍ଯ୍ୟନ୍ତ ୪ବର୍ଷ ପାଠପଢ଼ା ସହିତ ସାଙ୍ଗସାଥୀମାନଙ୍କ ସହିତ ସମୟ ଅତିବାହିତ କରିବା ବହୁ ମଧୁର ଅନୁଭୂତି ସ୍ମୃତିପଟରେ ଆଜି ବି ଉଜ୍ଜୀବିତ କରୁଛି । ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେଲେ, ଖେଳପଡ଼ିଆରେ ଫୁଟ୍‌ବଲ୍ ଖେଳିବା ଦୈନନ୍ଦିନର ଏକ ରୁଟିନ୍ କାର୍ଯ୍ୟ । ଏହା ସହିତ ଗଣେଶ ପୂଜା, ସରସ୍ୱତୀ ପୂଜା ସମୟରେ ଥିଏଟରରେ ଅଭିନୟ କରିବା ଓ ଭୋଜିର ଆୟୋଜନରେ ମୋତେ ଅଂଶଗ୍ରହଣ କରିବାକୁ ପଡିଥାଏ ।

ଉଚ୍ଚ ବିଦ୍ୟାଳୟ ଅଧ୍ୟୟନର ଆଦ୍ୟ ସୋପାନରେ ଭଲ ମଣଷଟିଏ ହେବା ପାଇଁ ଶିକ୍ଷକମାନଙ୍କଠାରୁ ଯେଉଁ ଉପାଦାନ ମିଳିଥିଲା ତାହା ଜୀବନଯାତ୍ରାର ଶୀର୍ଷ ସ୍ଥାନରେ ମୋତେ ପହଁଞ୍ଚାଇବା ନିମନ୍ତେ ସହାୟକ ହୋଇଛି । ସେତେବେଳେ ଯେଉଁ ସାଙ୍ଗମାନେ ଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ଏବେ ଆରପାରିରେ । ସେମାନଙ୍କ କଥା ଭାବିଲେ ମନ ଅନେକ ଆନ୍ଦୋଳିତ ହୁଏ ।

୧୯୫୫ ମସିହାରେ ଜନ୍ମଲାଭ କରିଥିବା ଏହି ଉଚ୍ଚ ବିଦ୍ୟାଳୟ ଏବେ ନୂଆ ରୂପ ନେଇଛି । 'ମୋ ସ୍କୁଲ ଅଭିଯାନ' ଓ ୫-ଟି ହାଇସ୍କୁଲ୍ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତଥା ଓଡ଼ିଶା ସରକାରଙ୍କର ଏକ ଶ୍ରେଷ୍ଠ ଐତିହାସିକ ପଦକ୍ଷେପ, ଯାହାଦ୍ୱାରା ଆମ ବିଦ୍ୟାମନ୍ଦିରର ନବକଳେବର ହୋଇପାରିଛି । ବହୁପୁରାତନ ଛାତ୍ରଛାତ୍ରୀ ଓ ଛାତ୍ରସଂସଦ ଗଠନ କରି ଅର୍ଥଦାନ କରିଛନ୍ତି ଏହି ବିଦ୍ୟାମନ୍ଦିରକୁ । ଏଥିରେ ଅଞ୍ଚଳର କିଛି ବ୍ୟକ୍ତି ଛାତ୍ର ନଥାଇ ବି ବିଦ୍ୟାଳୟ ନବ ନିର୍ମାଣ ନିମନ୍ତେ ଅର୍ଥଦାନ କରିଛନ୍ତି । 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ନୂଆ ବିଜ୍ଞାନଗାର, ଶ୍ରେଣୀଗୃହ ନିର୍ମାଣ ହୋଇପାରିଛି । ତିନି କୋଠରୀ ବିଶିଷ୍ଟ ଦୁଇ ମହଲା ଛାତ୍ରାବାସ ନିର୍ମାଣ ହୋଇଛି । ଗ୍ରାମପଞ୍ଚାୟତ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ନବନିର୍ମାଣରେ ଅର୍ଥ ଅନୁଦାନ ଦେଇଛନ୍ତି । ମୋ ପାଇଁ ଏହି ଶିକ୍ଷାନୁଷ୍ଠାନ କୋଣାର୍କ ସଦୃଶ । ଖେଳ ପଡ଼ିଆଟି ମିନିଷ୍ଟାଡିୟମ୍‌ରେ ପରିଣତ ହୋଇଛି । ୨୦୦୦ରୁ ଅଧିକ ଜନ ସାଧାରଣ ଗ୍ୟାଲେରୀରେ ବସି ଖେଳ ଦେଖିପାରିବେ । ୭୦୦ ନିମ୍ବ ଗଛ ପଡ଼ିଆରେ ରୋପଣ କରାଯାଇଛି । ମୁକ୍ତାକାଶ ବ୍ୟାୟାମଶାଳା ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଛି । ଖେଳ ପଡ଼ିଆର ନାମକରଣ କରାଯାଇଛି ଯୁବଭାରତୀ କ୍ରୀଡ଼ାଙ୍ଗନ । ଚଳିତ ବର୍ଷକୁ ଲଗାଇ ୩୯ବର୍ଷ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି । ବହୁ ଉତ୍ତମ ଛାତ୍ରଛାତ୍ରୀଙ୍କୁ ଡାକ୍ତର, ଇଂଜିନିୟର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଉତ୍ତମ ଶିକ୍ଷକ ଓ ଅଧ୍ୟାପକ ହେବାର ସୁଯୋଗ ଦେଇଛି ମୋ ବିଦ୍ୟାଳୟ ।

ମୋର ଗଭୀର ଆଶା ତଥା ବିଶ୍ୱାସ, ଏହି ବିଦ୍ୟାଳୟ, ସମସ୍ତଙ୍କ ସହଯୋଗରେ ଆଗକୁ ଆହୁରି ବିକଶିତ ହେବ ।

ଅଭିନୟ ଓ ରାଜନୈତିକ ଜୀବନର ମୂଳଦୂଆ ପକାଇଥିଲା ମୋ ସ୍କୁଲ୍

ଆକାଶ ଦାସ ନାୟକ
ଅଧ୍ୟକ୍ଷ, ମୋ କଲେଜ ଅଭିଯାନ

ମୋ ଜୀବନରେ ମୋ ସ୍କୁଲର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମୁଁ ଆଜି ଯେଉଁ ସ୍ଥାନରେ ପହଁଞ୍ଚିଛି, ସେଥିରେ ମୋ ସ୍କୁଲର ଅବଦାନ ଅନେକ । ଯାଜପୁର ଜିଲ୍ଲା ବ୍ରାହ୍ମଣୀ ନଦୀ କୂଳରେ ଧର୍ମଶାଳା ବାଣୀପୀଠ ନାମରେ ଅବସ୍ଥାପିତ ମୋ' ସ୍କୁଲ । ୧୯୪୭ ମସିହା ଦେଶ ସ୍ୱାଧୀନ ହେବା ବର୍ଷ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସେହି ସ୍କୁଲରେ ମୋ ମା' ଇନ୍ଦିରା ଦାସ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଥିଲେ । ମା'ଙ୍କ ସହ ମୁଁ ଧର୍ମଶାଳା ବାଣୀପୀଠ ଯିବାର ସୁଯୋଗ ପାଇଥିଲି । ମୋ' ପିଲାଦିନର ସବୁ ସ୍ମୃତି ଓ ଅନୁଭୂତି ସେହି ସ୍କୁଲ୍ ସହ ଜଡ଼ିତ ।

ଆମ ବିଦ୍ୟାଳୟରେ ଉଚ୍ଚକୋଟୀର ଶୈକ୍ଷିକ ବାତାବରଣ ଥିଲା । ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଘନିଷ୍ଠ ଓ ମଧୁର ସମ୍ପର୍କ ଥିଲା ।

ସ୍କୁଲ୍ କଥା ଭାବିଲେ ଏବେ ବି ସେ ଦିନର ପ୍ରତ୍ୟେକ ମୂହୁର୍ତ୍ତ ଜୀବନ୍ତ ହୋଇଉଠେ । ଆମେ ପଢ଼ିବା ବେଳେ ସ୍କୁଲ୍‌ରେ ଏକ ସୁନ୍ଦର ହତା ଥିଲା । ଚାଳ ଓ ଆଜବେଷ୍ଟସ୍ ଘରେ ପାଠ ପଢ଼ା ହେଉଥିଲା । ଆମ୍ବ, ପଣସ, ନଡ଼ିଆ ସହ ଭଳିକି ଭଳି ଫୁଲ ଓ ଫଳ ଗଛରେ ପରିବେଶ ଭର୍ତ୍ତି ଥିଲା । ସ୍କୁଲ୍ ହତାକୁ ଲାଗି ଏକ ଝଙ୍କାଳିଆ ବରଗଛ ଥିଲା, ଯାହା ଥିଲା ମୋର ସବୁଠୁ ପ୍ରିୟ ସ୍ଥାନ । ତା'ରି ମୂଳରେ ବସି ମୁଁ କେବେ ଦାର୍ଶନିକ ହୋଇଯାଏ, କେବେ ଭାବୁକ ହୋଇଯାଏ ତ କେବେ ଲେଖକ । ଆମ ସ୍କୁଲ୍ ପଛପଟେ ଥିବା ଆଖୁ କିଆରୀ ସବୁ ପିଲାଙ୍କର ପ୍ରିୟ ଥିଲା । ସମୟ ମିଳିଲେ ଧାଉଁଥିଲୁ ଆଖୁ ଖାଇବାକୁ । ପିଲାଦିନର ସେ ଅଭୁଲା ସ୍ମୃତି ଏବେ ବି ମୋତେ ଅତୀତକୁ ଟାଣି ନିଏ ।

ସକାଳ ୧୦ଟାରେ ସ୍କୁଲ୍ ହତା ମଧ୍ୟରେ ଗୁଞ୍ଜରି ଉଠେ "ଆହେ-ଦୟା-ମୟ-ବିଶ୍ୱ-ବିହାରୀ" ପ୍ରାର୍ଥନାର ଧ୍ୱନୀ । ପ୍ରାର୍ଥନା ପରେ ନିତିଦିନର ଖବରକାଗଜ ବି ପଢ଼ାଯାଏ । ବିଦ୍ୟାଳୟର ପ୍ରବେଶପଥରେ ମହାତ୍ମାଗାନ୍ଧୀ, ମଧୁବାବୁ ଓ ଗୋପବନ୍ଧୁଙ୍କ ଭଳି ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଥାଏ । ସେମାନଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିବାକୁ ଆମ ଶିକ୍ଷକମାନେ ଆମକୁ କୁହନ୍ତି ।

ମୋ ମା' ସ୍କୁଲରେ ଶିକ୍ଷୟିତ୍ରୀ ଥିବାରୁ ମୁଁ ଅଧିକ ଶୃଙ୍ଖଳିତ ଥିଲି । ମା'ଙ୍କ ପାଖକୁ ଯେପରି କିଛି ଅଭିଯୋଗ ନ ଯିବ ସେଥିପାଇଁ ମୁଁ ସବୁବେଳେ ସଚେତନ ରହୁଥିଲି । ପିଲାଦିନରୁ ପାଠପଢ଼ା ଅପେକ୍ଷା ମୋର ସାହିତ୍ୟ ଉପରେ ଅଧିକ ଆଗ୍ରହ ଥିଲା । ସ୍କୁଲ୍ ଲାଇବ୍ରେରୀରେ ଥିବା ସବୁ ବହି ମୁଁ ପଢ଼ିସାରିଥିଲି । ମନୋଜ ଦାସ, ଗୋପୀନାଥ ମହାନ୍ତି, ଲିଓ ଟଲଷ୍ଟୟଙ୍କ ଭଳି ପ୍ରତିଷ୍ଠିତ ଲେଖକମାନଙ୍କର ବହିଗୁଡ଼ିକୁ ମୁଁ ତିନି, ଚାରିଥର ପଢ଼ି ସାରୁଥିଲି ।

ସ୍କୁଲର ଅନେକ ମଧୁର ସ୍ମୃତି ଭିତରୁ ଗଣେଶ ପୂଜା ଓ ସରସ୍ୱତୀ ପୂଜାର ଅନୁଭୂତି ସବୁବେଳେ ମନେ ପଡ଼ିଯାଏ । ସାରା ରାତି ସ୍କୁଲରେ ରହି ଆମେ ସ୍କୁଲକୁ ସଜାଉ ଥିଲୁ । ତା' ପରଦିନ ବିଳମ୍ବରେ ଉଠୁ ଓ ଠିକ୍ ପୁଷ୍ପାଞ୍ଜଳି ଦେବା ବେଳକୁ ସ୍କୁଲରେ ପହଞ୍ଚୁ । କେବେ କେବେ ଆମେ ପହଞ୍ଚିବା ବେଳକୁ ପୁଷ୍ପାଞ୍ଜଳି ବି ଶେଷ ହୋଇ ଯାଇଥାଏ ।

ସ୍କୁଲ୍ ଡ୍ରାମାରେ ମୁଁ ପ୍ରଥମଥର ପାଇଁ ବକ୍ସି ଜଗବନ୍ଧୁର ଚରିତ୍ରରେ ଅଭିନୟ କରିଥିଲି । ତାହା ଥିଲା ମୋ ଅଭିନୟ ଜୀବନର ପ୍ରଥମ ପାହାଚ । ଠିକ୍ ସେହିପରି ସ୍କୁଲ୍ ଶିକ୍ଷକଙ୍କ ଅବସରକାଳୀନ ଅଭିଭାଷଣରୁ ଆରମ୍ଭ ହୋଇଥିଲା ମୋ ରାଜନୈତିକ ଜୀବନର ମୂଳଦୂଆ । ଏବେ ବି ମୋ' ସ୍କୁଲ ଦେଇ ଗଲେ ସେତେବେଳର ପୁରୁଣା ସ୍ମୃତି ସବୁ ତାଜା ହୋଇଯାଏ ।

ମୋ ସ୍କୁଲ୍ ଆଉ ଏବେ ସେ ପୁରୁଣା ସ୍କୁଲ୍ ହୋଇ ରହିନାହିଁ । ରାଜ୍ୟ ସରକାରଙ୍କ "ମୋ ସ୍କୁଲ୍ ଅଭିଯାନ" ମାଧ୍ୟମରେ ଏହି ସ୍କୁଲ୍‌ର ଅଭୂତପୂର୍ବ ରୂପାନ୍ତରଣ ହୋଇଛି । ଧର୍ମଶାଳା ବାଣୀପୀଠ ଏବେ ଆହୁରି ଆକର୍ଷଣୀୟ ଦେଖାଯାଉଛି । ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଲୋକେ କିଭଳି ମିଳିତ ଭାବରେ ବିଦ୍ୟାଳୟକୁ ବିକାଶ ପଥରେ ଆଗେଇ ନେଉଛନ୍ତି, ତାହା ଦେଖିବାକୁ ମିଳିଛି । 'ମୋ ସ୍କୁଲ୍' ଭଳି ଏକ ଅଭିନବ ପଦକ୍ଷେପ ପାଇଁ ମୁଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଦେବି । ମୋ ସ୍ୱପ୍ନର ବିଦ୍ୟାଳୟ ଆଜି ବାସ୍ତବ ରୂପ ନେଇଥିବା ଦେଖି ମୁଁ ବହୁତ ଖୁସି ।

ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ଓଡ଼ିଶାର ସ୍କୁଲ୍ ରୂପାନ୍ତରୀକରଣ ସମଗ୍ର ଭାରତବର୍ଷ ପାଇଁ ଉଦାହରଣ ପାଲଟିଛି । ସ୍କୁଲ୍‌ଗୁଡ଼ିକ ଗୋଟିଏ ଗୋଟିଏ ମଣିଷ ତିଆରି କାରଖାନା । ସେହି ମଣିଷ ତିଆରି କାରଖାନାଟି 'ମୋ ସ୍କୁଲ୍' ମାଧ୍ୟମରେ ନୂଆ ରୂପ ନେଉଛି । ଭଲ ଛାତ୍ର ଓ ଦେଶର ଭବିଷ୍ୟତ ନାଗରିକଙ୍କୁ ଗଢ଼ିବା ପାଇଁ ଅଧିକ ସୁଦୃଢ଼ ହୋଇଛି । 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ଓଡ଼ିଶାର ହଜାର ହଜାର ସ୍କୁଲ୍ ରୂପାନ୍ତରୀକରଣ ହେଉଛି । ଅଧିକରୁ ଅଧିକ ପିଲା ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ବଳିଷ୍ଠ ମାଧ୍ୟମ ପାଇଛନ୍ତି ।

ପିଲାମାନଙ୍କ ଉଦ୍ଦେଶ୍ୟରେ ମୁଁ କହିବି, ଯେକୌଣସି ସ୍ୱପ୍ନକୁ ସାକାର କରିବା ସମ୍ଭବ । ନିଜ ଉପରେ ସବୁବେଳେ ବିଶ୍ୱାସ ରଖିବା ଆବଶ୍ୟକ । ସ୍ୱପ୍ନ ସବୁବେଳେ ବଡ଼ ହେବା ଦରକାର । ଛୋଟ ସ୍ୱପ୍ନ ଦେଖନାହିଁ । ବଡ଼ ସ୍ୱପ୍ନକୁ ସାକାର କରିବାକୁ ଅଧିକ ପରିଶ୍ରମ କର । ଶୃଙ୍ଖଳିତ ହୁଅ ଓ ଜୀବନରେ କେବେ ହାର ମାନନାହିଁ ।



ସ୍କୁଲ୍ କହୁଛି ସଫଳତାର କଥା

ଅଷ୍ଟରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଷ୍ଟରଙ୍ଗ
ସ୍କୁଲ୍ ସହ ରହିଛି ଭାବଗତ ସମ୍ପର୍କ

ପଢ଼ିଥିବା ବିଦ୍ୟାଳୟ ସହ ପୁଣିଥରେ ଯୋଡ଼ିହେବାକୁ ଯେତେବେଳେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରଣ କରାଗଲା ସେମାନେ ସାମାନ୍ୟ ହେଳା ନ କରି ସଙ୍ଗେ ସଙ୍ଗେ ସ୍କୁଲ୍ ଚାଲି ଆସିଥିଲେ। ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ ଭାଗିଦାରୀ ହେବାକୁ ସ୍କୁଲ୍ କର୍ତ୍ତୃପକ୍ଷ ନିବେଦନ କରିବା ପରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ସ୍ୱଇଚ୍ଛାରେ ଆଗକୁ ଆସିଥିଲେ। ନିଜ ପାଖରେ ଥିବା ଦକ୍ଷତା ଓ ସମ୍ବଳର ବ୍ୟବହାର କରି କେମିତି ନିଜ ଶିକ୍ଷାନୁଷ୍ଠାନକୁ ଶ୍ରେଷ୍ଠ କରି ଗଢ଼ିତୋଳିବେ ତାହା ତାଙ୍କର ସ୍ୱପ୍ନ ଥିଲା। କେବଳ ଆର୍ଥିକ ସହାୟତା ନୁହେଁ, ଶ୍ରମ ଓ ସମୟ ଦାନ କରି ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ସମସ୍ତେ ମିଳିମିଶି ପଦକ୍ଷେପ ନେବାକୁ ସ୍ଥିର କଲେ। ଶିକ୍ଷାଦାନ ସହ ଜଡ଼ିତ ଥିବା ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀଙ୍କୁ ଡକାଯାଇ ସପ୍ତାହକୁ ଥରେ କିମ୍ବା ଦୁଇଥର ପିଲାଙ୍କୁ ବିଭିନ୍ନ ବିଷୟ ପଢ଼ାଇବାକୁ ନିବେଦନ କରାଯାଇଥିଲା। ବ୍ୟସ୍ତବହୁଳ ଜୀବନରୁ ସ୍ୱଳ୍ପ ସମୟ କାଢ଼ି ସ୍କୁଲ୍‌ର ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ହେବାକୁ ନିକଟସ୍ଥ ଗ୍ରାମର ପୁରାତନ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ କର୍ତ୍ତୃପକ୍ଷ ନିବେଦନ କରିଥିଲେ। 'ମୋ ସ୍କୁଲ୍'ର ଡାକରା ଶୁଣି ବର୍ଷ ବର୍ଷ ଧରି ସ୍କୁଲ୍ ସହ ସମ୍ପର୍କରେ ନ ଥିବା ଶତାଧିକ ପୁରାତନ ଛାତ୍ରଛାତ୍ରୀ ଧାଇଁ ଆସିଥିଲେ ଓ ନିଜେ ପଢ଼ିଥିବା ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପୃକ୍ତି ପରେ ୧୯୧୦ ମସିହାରେ ପୁରୀ ଜିଲ୍ଲାର ଅଷ୍ଟରଙ୍ଗ ବ୍ଲକରେ ପ୍ରତିଷ୍ଠା ହୋଇଥିବା ଅଷ୍ଟରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଜି ଜିଲ୍ଲାର ଏକ ପରିଚିତ ଶିକ୍ଷାନୁଷ୍ଠାନରେ ପରିଣତ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ସ୍କୁଲ୍‌ରେ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ'କୁ ସଫଳ କରିବା ପଛରେ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସେନାପତିଙ୍କ ପ୍ରମୁଖ ଅବଦାନ ରହିଛି। ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସହଯୋଗକ୍ରମେ ସ୍କୁଲ୍‌ର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିବା ୧,୬୬,୫୫୦ ଟଙ୍କା ଏବଂ 'ମୋ ସ୍କୁଲ୍'ରୁ ମିଳିଥିବା ଦୁଇଗୁଣା ଆର୍ଥିକ ସହାୟତା ୩,୩୩,୧୦୦ଟଙ୍କାକୁ ମିଶାଇ ମୋଟ ୪,୯୯,୬୫୦ ଟଙ୍କାରେ ସ୍କୁଲ ପରିସରରେ ଥଣ୍ଡାପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସ୍କୁଲ୍ ପାଇଁ ସାଉଣ୍ଡ ସିଷ୍ଟମ୍, କମ୍ପ୍ୟୁଟର, ଲାପଟପ୍, ଅଫିସ୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଡେସ୍କ, ବେଞ୍ଚ ଓ ଅନ୍ୟାନ୍ୟ ଆସବାବପତ୍ର କିଣାଯାଇଥିଲା। ଏହାସହ କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯାଇଛି।

ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ କାଳନ୍ଦୀ ଚରଣ ଛାଟୋଇ ସ୍ୱେଚ୍ଛାକୃତ ଭାବରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ପ୍ରତି ମଙ୍ଗଳବାର ସେ ଦୁଇ ଘଣ୍ଟା ସମୟ ଦେଇ ପିଲାଙ୍କୁ ସଂସ୍କୃତ ପଢ଼ାଉଛନ୍ତି। ସେହିଭଳି ସ୍ଥାନୀୟ ଅଞ୍ଚଳର କିଛି ପୁରାତନ ଛାତ୍ରଛାତ୍ରୀ ଶ୍ରମ ଓ ସମୟ ଦାନ କରୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବ୍ରହ୍ମାନନ୍ଦ ସେନାପତି ରାଜ୍ୟ ସରକାରଙ୍କ ଏହି ଅଭିଯାନକୁ ପ୍ରଶଂସା କରିବା ସହିତ ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ମଧ୍ୟରେ ଥିବା ସମ୍ପର୍କକୁ 'ମୋ ସ୍କୁଲ୍' ସୁଦୃଢ଼ କରିପାରିଥିବା ମତବ୍ୟକ୍ତ କରିଛନ୍ତି।

ଭାଲୁମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଲାଙ୍ଗୀର

ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପୃକ୍ତି ପରେ ବଢୁଛି ଛାତ୍ରଛାତ୍ରୀଙ୍କ ସଂଖ୍ୟା

୧୯୨୫ ମସିହା, ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା ଭାଲୁମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ । ସେ ସମୟର ପରାଧୀନ ଭାରତରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଥିଲା ଏହି ସ୍କୁଲ୍ । ପାଖାପାଖି ୫୦ ଖଣ୍ଡ ଗାଁର ପିଲା ଏଠାକୁ ପଢ଼ିବାକୁ ଆସୁଥିଲେ । ସ୍ୱାଧୀନତା ପରେ ସ୍ଥାନୀୟ ଅଞ୍ଚଳରେ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗଢ଼ିଉଠିବା ସହ ଭାଲୁମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାକୁ ଲାଗିଥିଲା । ଠିକ୍ ଏହି ସମୟରେ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଥିଲା ସ୍କୁଲ୍ । ୨୦୨୦ ମସିହାରେ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ଭିତ୍ତିଭୂମି ଏବଂ ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା ।

ସ୍କୁଲ୍‌ରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ ହେବା ପରେ ପୁଣିଥରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ନିଜ ପିଲାଙ୍କୁ ଏଠାରେ ପଢ଼ାଇବାକୁ ଆଗ୍ରହ ଦେଖାଉଛନ୍ତି । ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ରୋହିତ କୁମାର ମନ୍ତ୍ରୀ 'ମୋ ସ୍କୁଲ ଅଭିଯାନ'କୁ ସମସ୍ତ ଶ୍ରେୟ ଦେଇଛନ୍ତି । ଅଭିଯାନ ଅଧୀନରେ ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲ୍‌ର ଭିତ୍ତିଭୂମି ବିକାଶ ପାଇଁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ରାଶିକୁ ମିଶାଇ ମୋଟ ୪୫ଲକ୍ଷ ଟଙ୍କାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି । 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଛି । ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ଶୌଚାଳୟ ବ୍ୟବସ୍ଥା କରାଯାଇଛି । ଏହାସହ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ହୋଇଛି । ଆଗାମୀ ଦିନରେ ଦୂର ଦୂରାନ୍ତରୁ ଆସୁଥିବା ପିଲାମାନଙ୍କ ପାଇଁ ଏକ ହଷ୍ଟେଲ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀ । ଏହାବ୍ୟତୀତ କ୍ୟାମ୍ପସ୍ ପରିସରରେ ପାଠାଗାର, ବିଜ୍ଞାନାଗାର, ରୋଷେଇ ଘର ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଆଶା ରଖିଛନ୍ତି ସ୍କୁଲ୍‌ର ପୁରାତନ ଛାତ୍ର ସଂସଦ ସଭାପତି ଶ୍ରୀ ବୈକୁଣ୍ଠ ମେହେର ।



ସରକାରୀ ଉଚ୍ଚ ବିଦ୍ୟାଳୟ, ଜୁନାଗଡ଼

ଗଢ଼ାହେଉଛି ସ୍ୱପ୍ନର ବିଦ୍ୟାଳୟ

ପ୍ରଗତିର ଏହି ଧାରାରେ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସମସ୍ତେ ଅଙ୍ଗଗ୍ରହଣ କରିବା ସହ ଆଜି ନିଜ ସପ୍ନର ବିଦ୍ୟାଳୟ ଗଢ଼ିପାରିଛନ୍ତି ।

୧୯୪୦ ମସିହାରେ କଳାହାଣ୍ଡିର ରାଜା ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିଲା ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ । ପ୍ରାୟ ୧୫ରୁ ୧୬ଟି ଗ୍ରାମର ଛାତ୍ରଛାତ୍ରୀ ନିର୍ଭର କରୁଥିବା ଏହି ସ୍କୁଲ୍ ୧୯୪୬ ମସିହାରେ ସରକାରୀ ମାନ୍ୟତା ପାଇଥିଲା । ସେତେବେଳେ ଦୁଇ ଚାରୋଟି ଶ୍ରେଣୀ ଗୃହରେ ତଳେ ବସି ପାଠ ପଢିଥିବା ଛାତ୍ରଛାତ୍ରୀ ଏବେ ସମାଜରେ ପ୍ରତିଷ୍ଠା ଲାଭ କରିବା ସହ ଦେଶ ବିଦେଶରେ ନାଁ କରିଛନ୍ତି । ମାତ୍ର ବିଦ୍ୟାଳୟ ପ୍ରତି ଭଲପାଇବା ସେମାନଙ୍କୁ ପୁଣି ଥରେ ଡାକି ଆଣିଛି ନିଜ ବିଦ୍ୟାଳୟ ପାଇଁ କିଛି କରିବାକୁ । "ମୋ ସ୍କୁଲ ଅଭିଯାନ" ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିଛନ୍ତି । ସ୍କୁଲ କର୍ତ୍ତୁପକ୍ଷଙ୍କ ମିଳିତ ସହଯୋଗରେ ନୂଆ ରୂପରେ ପ୍ରତିଷ୍ଠା ହୋଇଛି ଆଜି ଏହି ଶିକ୍ଷାନୁଷ୍ଠାନ ।

ନିଜେ ପଢ଼ିଥିବା ସ୍କୁଲର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୬୦ ଲକ୍ଷ ଟଙ୍କାରେ ପୂରଣ ହୋଇପାରିଛି ବିଦ୍ୟାଳୟର ଅନେକ ସ୍ୱପ୍ନ । ସାଇନ୍ସ ପାର୍କ, ବଗିଚାର ସୌନ୍ଦର୍ଯ୍ୟକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅତ୍ୟାଧୁନିକ ମଞ୍ଚ, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ଭିତ୍ତିଭୂମିର ମରାମତି ଓ ନବୀକରଣ କରାଯାଇଛି । ଆହୁରି ମଧ୍ୟ ସମ୍ପୂର୍ଣ୍ଣ କ୍ୟାମ୍ପସ୍‌ରେ ଟାଇଲ ପକାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି । ଆଗାମୀ ଦିନରେ ସ୍କୁଲ୍ ପରିସରରେ ଏକ ଅଡିଟୋରିୟମ୍ ନିର୍ମାଣ କରିବାକୁ ପୁରାତନ ଛାତ୍ରଛାତ୍ରୀ ଏବଂ ସ୍କୁଲ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି ।

ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ କେବଳ ଆର୍ଥିକ ସହାୟତା ମିଳିଛି ତାହା ନୁହେଁ, ଏହାସହ ସେମାନେ ସମୟ ଓ ଶ୍ରମଦାନ ମାଧ୍ୟମରେ ସହଯୋଗ ଯୋଗାଇ ଦେଉଛନ୍ତି । ସ୍ୱେଚ୍ଛାକୃତ ଭାବରେ ପିଲାମାନଙ୍କୁ ପାଠ ପଢ଼ାଇବା ସହ ଅନେକ ନୂଆ କଥା ଶିଖାଉଛନ୍ତି । କ୍ୟାରିୟର କାଉନସେଲିଂ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତର ନୂଆ ରାସ୍ତା ଦେଖାଉଛନ୍ତି । କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ସେଥିପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରୁଛନ୍ତି । "ମୋ ସ୍କୁଲ ଅଭିଯାନ" ଜରିଆରେ ନିଜ ସ୍କୁଲ ପାଇଁ କିଛି କରିବାର ସୁଯୋଗ ପାଉଥିବାରୁ ପୁରାତନ ଛାତ୍ରଛାତ୍ରୀ ଯେତିକି ଖୁସି ସେତିକି ଗର୍ବିତ ।

ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ

ଉଦାହରଣ ସୃଷ୍ଟିକରିଛି ସ୍କୁଲ୍‌ର ଡିଜିଟାଲ୍ ଭିତ୍ତିଭୂମି

ପାରମ୍ପରିକ ଚକ୍ ଓ ବ୍ଲାକ୍‌ବୋର୍ଡ ଶିକ୍ଷାଦାନ ପ୍ରକ୍ରିୟାରୁ ଟିକେ ଆଗକୁ ଯାଇ କିଛି ନୂଆ କରିବାର ପ୍ରୟାସ କରିଛି ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ । ସ୍ମାର୍ଟ କ୍ଲାସ୍‌ରୁମ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହ ପ୍ରତି ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ । ଆଉ ଏଥିରେ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଛନ୍ତି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ । ୨୦୧୭ ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିବା 'ମୋ ସ୍କୁଲ୍ ଅଭିଯାନ' ପାଇଁ ଆଜି ଏହା ସମ୍ଭବ ହୋଇପାରିଛି । ବର୍ତ୍ତମାନର ଡିଜିଟାଲ ଯୁଗ ସହ ତାଳଦେଇ ପିଲାମାନେ କିଭଳି ପ୍ରତିଦ୍ୱନ୍ଦ୍ୱୀମୂଳକ ହୋଇପାରିବେ ସେଥିଲାଗି ଓଡ଼ିଶାର ପ୍ରଥମ ସରକାରୀ ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟ ଇଣ୍ଟରାକ୍ଟିଭ୍ ବୋର୍ଡରେ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ କରିଛି । ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଉଭୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଭଦାୟକ ହୋଇପାରିଛି ।

୧୮୫୫ ମସିହାରେ ମାଡ୍ରାସ ପ୍ରେସିଡେନ୍ସି ସମୟରେ ଆର୍ଥର ପୁଲି ଅନ୍‌ସ୍ଲୋଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟର ଇତିହାସ ୧୬୫ବର୍ଷ ପୁରୁଣା । କଟକର ରେଭେନ୍ସା କଲେଜିଏଟ୍ ସ୍କୁଲ୍ ପରେ ଅନ୍‌ସ୍ଲୋ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟର ଦ୍ୱିତୀୟ ପୁରାତନ ତଥା ଐତିହ୍ୟ ବିଦ୍ୟାଳୟ ଭାବରେ ଗଣନା କରାଯାଏ । ପ୍ରାରମ୍ଭରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଏହି ବିଦ୍ୟାଳୟ ୨୦୨୦ରେ ସ୍ଥାନୀୟ କଲୋନୀ ପ୍ରାଥମିକ ବିଦ୍ୟାଳୟ ସହ ସମ୍ମିଶ୍ରଣ ପରେ ଏବେ ଏଠାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଛି । ୪୯୨ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ମୋଟ ୧୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଢାଉଛନ୍ତି ।

ଏହି ସରକାରୀ ସ୍କୁଲ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହୀ କରିବାକୁ ସ୍କୁଲ୍ କର୍ତ୍ତୃପକ୍ଷ ଏବଂ ସ୍କୁଲ ପରିଚାଳନା କମିଟି 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ବିଭିନ୍ନ ସୁଚିନ୍ତିତ ଯୋଜନା ଆରମ୍ଭ କରିଥିଲେ । ଏହାଦ୍ୱାରା ସ୍କୁଲ୍ ଭିତ୍ତିଭୂମି ବିକାଶ ହୋଇପାରିଥିଲା ଏବଂ ସ୍ମାର୍ଟ କ୍ଲାସ୍‌ରୁମ୍ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା ।

ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ଦେବସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ୨୦୧୮ ଜୁଲାଇ ୨୯ରେ 'ମୋ ସ୍କୁଲ୍ ଅଭିଯାନ'ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ତତ୍କାଳୀନ ପ୍ରଧାନଶିକ୍ଷକ ଶ୍ରୀ ରାଧାକୃଷ୍ଣ ନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ସମ୍ବିତ ପଟ୍ଟନାୟକ ସ୍ମାର୍ଟ କ୍ଲାସ୍‌ରୁମ୍ ସହ ଇଣ୍ଟରାକ୍ଟିଭ୍ ବୋର୍ଡ ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଥିଲେ । ଏଥାଇଁ ସେ 'ମୋ ସ୍କୁଲ୍ ଅଭିଯାନ' ଅନ୍ତର୍ଗତ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଏହାସହ ଅନ୍ୟ ୧୨ଜଣ ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ଉନ୍ନତି ପାଇଁ ୩ ଲକ୍ଷ ୨୯ହଜାର ଟଙ୍କା ପ୍ରଦାନ କରିଥିଲେ । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚିଙ୍କ ସହ ପୁରାତନ ଛାତ୍ର ଶ୍ରୀ ସମ୍ବିତ୍ କୁମାର ପଟ୍ଟନାୟକ ଏବଂ ଶ୍ରୀ ପ୍ରଭାତ କୁମାର ପାଣିଗ୍ରାହୀ ସର୍ବାଧିକ ସହାୟତା ପ୍ରଦାନ କରିଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ମିଳିଥିବା ଆର୍ଥିକ ସହାୟତା ସହ ରାଜ୍ୟ ସରକାରଙ୍କର ଦୁଇଗୁଣା ଅନୁଦାନକୁ ମିଶାଇ ସ୍କୁଲ୍‌ରେ ସ୍ମାର୍ଟ ଶ୍ରେଣୀଗୃହ, ଦୁଇଟି ଶୌଚାଳୟ, ବିଦ୍ୟାଳୟ ପାଇଁ ବିଭିନ୍ନ ଆସବାବପତ୍ର କ୍ରୟ କରାଯିବା ସହ ବିଦ୍ୟାଳୟର କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରାଯାଇଛି । ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ ହେବା ପରେ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିଛି । ସେହିଭଳି ପିଲାମାନେ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କହିଛନ୍ତି ।

ଆର୍ଥିକ ସହାୟତା ବ୍ୟତୀତ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ସୁଦର୍ଶନ ଶେଖର ବେହେରା ସ୍ୱେଚ୍ଛାକୃତ ଭାବେ ବିଦ୍ୟାଳୟ ୱେବ୍‌ସାଇଟ୍ ଡିଜାଇନ୍ କରିଛନ୍ତି । ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ତିଆରି ହୋଇଥିବା ବେଳେ ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି । ବିଦ୍ୟାଳୟର ବିକାଶ ସମ୍ପର୍କିତ ଆଲୋଚନାରେ ସେମାନେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । 'ମୋ ସ୍କୁଲ୍ ଅଭିଯାନ' ପାଇଁ ବିଦ୍ୟାଳୟ ଭିତ୍ତିଭୂମିରେ ଅନେକ ଉନ୍ନତି ଘଟିଥିବା କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କାତ୍ୟାୟନୀ ନନ୍ଦୀ । ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ଅଭିନବ ଅଭିଯାନ ପାଇଁ ନିଜେ ପଢିଥିବା ବିଦ୍ୟାଳୟ ପାଇଁ ଆମେମାନେ କିଛି କରିବାର ସୁଯୋଗ ପାଇପାରୁଛୁ ବୋଲି ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ସୁରଜିତ୍ ସାମନ୍ତରାୟ କହିଛନ୍ତି ।

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଇକମାଳ

ଦୂର ଦୂରାନ୍ତ ପିଲାଙ୍କୁ ଆକୃଷ୍ଟ କରୁଛି ସ୍କୁଲ୍ ପରିବେଶ

ଓଡିଶା-ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ସ୍କୁଲ୍‌ର ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶରେ ଆକୃଷ୍ଟ ହୋଇ ନିକଟସ୍ଥ ପ୍ରାୟ ୨୧ଟି ଗାଁର ପିଲା ଏଠାକୁ ପାଠ ପଢ଼ିବାକୁ ଆସୁଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ନିଜ ଘର ପାଖ ସ୍କୁଲକୁ ନ ଯାଇ ଅନେକ ପିଲା ବହୁ ଦୂରରୁ ଏଠାକୁ ପଢ଼ିବାକୁ ଆସୁଛନ୍ତି । ସ୍କୁଲ୍‌ର ଏହି ସଫଳତା ପାଇଁ "ମୋ ସ୍କୁଲ ଅଭିଯାନ"କୁ ଶ୍ରେୟ ଦେଇଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁ ।

୧୯୫୯ ମସିହାରେ ସ୍ଥାପିତ ହୋଇ ୧୯୯୧ ମସିହାରେ ସରକାରୀ ମାନ୍ୟତା ପାଇଥିବା ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରନ୍ତି, ଯେଉଁମାନେ ଆଜି ରାଜ୍ୟ ଓ ଦେଶ ବାହାରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ । ବହୁ ଦୂର ଦୂରାନ୍ତରେ ରହୁଥିଲେ ମଧ୍ୟ ସ୍କୁଲ୍ ପ୍ରତି ସେମାନଙ୍କର ଥିବା ଭଲପାଇବା ଓ ଭାବଗତ ସମ୍ପର୍କ ଆଜି ସେମାନଙ୍କୁ ଡାକିଆଣିଛି ନିଜ ଶିକ୍ଷାନୁଷ୍ଠାନର ଋଣ ସୁଝିବାକୁ । ସ୍କୁଲ୍‌ର ଭିତ୍ତିଭୂମି ବିକାଶ ପାଇଁ ଏହି ପୁରାତନ ଛାତ୍ରଛାତ୍ରୀମାନେ କେବଳ ଆର୍ଥିକ ସହାୟତା ଯୋଗାଇ ଦେଇନାହାନ୍ତି, ନିୟମିତ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସମ୍ପର୍କରେ ରହି ଛାତ୍ରଛାତ୍ରୀମାନେ କିଭଳି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ତାହାଉପରେ ଗୁରୁତ୍ୱାରୋପ କରୁଛନ୍ତି ।

'ମୋ ସ୍କୁଲ୍ ଅଭିଯାନ' ଅଧୀନରେ ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀ ଏବଂ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମିଳିଥିବା ମୋଟ ୭ଲକ୍ଷ ୬୧ହଜାର ଟଙ୍କାରେ ସ୍କୁଲ୍‌କୁ ସମ୍ପୂର୍ଣ୍ଣ ନୂଆ ରୂପ ଦିଆଯାଇଛି । ଲାଗିରହିଥିବା ଭିତ୍ତିଭୂମି ଜନିତ ସମସ୍ୟା ଦୂର ହେବା ସହ ବିଦ୍ୟାଳୟ ସଫଳତାର ଶୀର୍ଷ ଛୁଇଁଛି । ପୂର୍ବରୁ ତଳେ ବସି ପାଠ ପଢୁଥିବା ଛାତ୍ରଛାତ୍ରୀ ଆଜି ଡୁଆଲ ଡେସ୍କରେ ବସି ପଢ଼ିବାର ସୁଯୋଗ ପାଉଛନ୍ତି । ଏହାସହ ଲାପ୍‌ଟପ୍ ଓ ପ୍ରୋଜେକ୍ଟର ମାଧ୍ୟମରେ ପିଲାମାନଙ୍କୁ ସୁବିଧାରେ ପାଠ ପଢ଼ାଯାଉଛି । ୱାଟର୍ ପ୍ୟୁରିଫାୟର ଲଗାଯାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉଛି । ପ୍ରଶସ୍ତ ପ୍ରାର୍ଥନା ଗୃହ ସହ ରଙ୍ଗବେରଙ୍ଗର ବଗିଚା ଓ ଫାଟକ ବିଦ୍ୟାଳୟ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି ।

ସ୍କୁଲ ପରିସରରେ ଥିବା ଗଛ ଚାରିପାଖରେ ବଡ଼ ବଡ଼ ମଣ୍ଡପ ନିର୍ମାଣ କରାଯାଇଛି । ଛୁଟିଦିନମାନଙ୍କରେ ସେଠାରେ ବସି ପୁରାତନ ଛାତ୍ରଛାତ୍ରୀ ପିଲାମାନଙ୍କୁ ନୈତିକ ଶିକ୍ଷା ସହ ବିଭିନ୍ନ ବିଷୟରେ ଶିକ୍ଷାଦାନ କରୁଛନ୍ତି, ଯାହାକି ପୁରୁଣା ଦିନରେ ଥିବା ଗୁରୁକୂଳ ଆଶ୍ରମର ଅନୁଭବ ଦେଉଛି । ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ କର୍ମୋ ବିଶ୍ୱାଳ ମାଗଣାରେ ପିଲାମାନଙ୍କୁ ସଂସ୍କୃତ ପଢ଼ାଉଛନ୍ତି । ଦିଲ୍ଲୀ ଏମ୍ସରେ ଥିବା ବିଦ୍ୟାଳୟର ଅନ୍ୟ ଜଣେ ପୁରାତନ ଛାତ୍ର ଡ. ସଞ୍ଜୀବ ଭୋଇ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢ଼ି ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସୁଦୂର ଦିଲ୍ଲୀରୁ ଓଡ଼ିଶା ଆସୁଛନ୍ତି । କେବଳ ସେମାନେ ନୁହଁନ୍ତି, ଅନେକ ପୁରାତନ ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜ ସ୍କୁଲ୍ ସହ ଯୋଡ଼ି ହେଉଛନ୍ତି । 'ମୋ ସ୍କୁଲ ଅଭିଯାନ' ସହଯୋଗରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ଏକ ସ୍ୱପ୍ନର ବିଦ୍ୟାଳୟ ଗଠନ ହୋଇପାରିଛି । ତେବେ ଆଗକୁ ସ୍କୁଲ୍ ପରିସରରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିବାକୁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଯୋଜନା ରହିଥିବା ସ୍କୁଲ୍ ପ୍ରଧାନଶିକ୍ଷକ କହିଛନ୍ତି ।

ଉମାମଣୀ ଉଚ୍ଚ ବିଦ୍ୟାପୀଠ, ମହମଦାବାଦ

'ମୋ ସ୍କୁଲ୍ ଅଭିଯାନ'ର ଉଦ୍ଦେଶ୍ୟକୁ ସଫଳ କରିଛନ୍ତି ପୁରାତନ ଛାତ୍ରଛାତ୍ରୀ

ଆମେ ପାଇ ପାରି ନଥିବା ସୁବିଧା-ସୁଯୋଗ ଆମର ପରବର୍ତ୍ତୀ ପିଢ଼ିକୁ ମିଳିବ। ସ୍କୁଲ୍‌ରୁ ଭିତ୍ତିଭୂମି ଅଭାବର ସମସ୍ୟା ଦୂର ହେବ। ଶିକ୍ଷାଦାନ ପଦ୍ଧତି ଆହୁରି ଉନ୍ନତ ହେବ। ଏଭଳି ଲକ୍ଷ୍ୟନେଇ 'ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିଲେ ବାଲେଶ୍ୱର ଜିଲ୍ଲାର ମହମଦାବାଦ ସ୍ଥିତ ଉମାମଣୀ ଉଚ୍ଚ ବିଦ୍ୟାପୀଠର ପୁରାତନ ଛାତ୍ରଛାତ୍ରୀ। ଅତୀତକୁ ବର୍ତ୍ତମାନ ସହ ଯୋଡୁଥିବା 'ମୋ ସ୍କୁଲ୍ ଅଭିଯାନ' ଉମାମଣୀ ଉଚ୍ଚ ବିଦ୍ୟାପୀଠର ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡ଼ିଥିଲା ଏବଂ ସ୍କୁଲ୍‌ର ସର୍ବାଙ୍ଗୀନ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଜଣାଶୁଣା ସାହିତ୍ୟିକ ଶ୍ରୀ ଗୋପୀନାଥ ମହାନ୍ତି ନିଜ ମା'ଙ୍କ ନାଁରେ ୧୯୯୭ ମସିହାରେ ଏହି ବିଦ୍ୟାଳୟ ସ୍ଥାପନା କରିଥିଲେ । ୨୦୧୫ ମସିହାରେ ଏହି ସ୍କୁଲ୍ ସରକାରୀ ମାନ୍ୟତା ପାଇବା ପରେ ୨୦୨୦ ମସିହାରେ 'ମୋ ସ୍କୁଲ ଅଭିଯାନ' ସହ ଯୋଡି ହୋଇଥିଲା। ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସ୍କୁଲ୍‌ର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ହେବାକୁ ନିବେଦନ କରାଯିବା ପରେ ପ୍ରତ୍ୟେକ ବ୍ୟାଚ୍‌ରୁ କିଛି କିଛି ପୁରାତନ ଛାତ୍ରଛାତ୍ରୀ ସହଯୋଗର ହାତ ବଢ଼ାଇ ଦେଇଥିଲେ। ଦୁଇଟି ପର୍ଯ୍ୟାୟରେ ସମସ୍ତେ ମିଶି ୧୩ ଲକ୍ଷ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୨୬ ଲକ୍ଷ ୬୦ ହଜାର ଟଙ୍କାରେ ସ୍କୁଲ୍‌ର ଭିତ୍ତିଭୂମି ବିକାଶ କରାଯାଇଥିଲା। ସ୍କୁଲ୍‌ରେ ଶ୍ରେଣୀଗୃହର ଅଭାବ ଥିବାରୁ ଏକ ନୂତନ କୋଠା ନିର୍ମିତ ହୋଇଥିଲା, ଯେଉଁଥିରେ ଶ୍ରେଣୀଗୃହ ସହ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ କମନ୍ ରୁମ୍ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ ରହିଛି।

କେବଳ ଆର୍ଥିକ ସହାୟତା ନୁହେଁ, ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ସାମର୍ଥ୍ୟ କ୍ରମେ ବିଭିନ୍ନ ମାଧ୍ୟମରେ ସ୍କୁଲ୍‌ର ସାମଗ୍ରିକ ଉନ୍ନତିରେ ସହଭାଗୀ ହେଉଛନ୍ତି। ସ୍ୱେଚ୍ଛାକୃତ ଭାବରେ ସେମାନେ ନିୟମିତ ସ୍କୁଲ୍ ଆସିବା ସହ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି ଏବଂ ତାହାର ସମାଧାନର ବାଟ ବାହାର କରୁଛନ୍ତି। 'ମୋ ସ୍କୁଲ୍ ଅଭିଯାନ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସଫଳ କରିଥିବା ଉମାମଣୀ ଉଚ୍ଚ ବିଦ୍ୟାପୀଠର ଏହି ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲ୍‌ଶିକ୍ଷାର ବିକାଶ ପାଇଁ କରୁଥିବା ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ

ବିଜ୍ଞାନ ଓ କ୍ରୀଡ଼ାରେ ମିଳିଛି ସଫଳତା

ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୬୫ ମସିହାରେ ପ୍ରତିଷ୍ଠା ହୋଇଥିଲା ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ। ଢେଙ୍କାନାଳ ସଦର ମହକୁମାଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟ ଗଢ଼ିତୋଳିଛି ଅନେକ ପ୍ରତିଭାଙ୍କୁ । କିଏ ବିଦେଶରେ ରହି ରାଜ୍ୟ ଓ ଦେଶର ନାମକୁ ଗୌରବାନ୍ୱିତ କରୁଛନ୍ତି ତ କିଏ ନିଜ ଜନ୍ମମାଟି ପାଇଁ କାମ କରୁଛନ୍ତି। ଏ ସବୁ ପରେ ବି ସମସ୍ତଙ୍କ ମନରେ ନିଜ ପିଲାଦିନର ବିଦ୍ୟାଳୟ ପ୍ରତି ରହିଛି ଭିନ୍ନ ଏକ ଦୁର୍ବଳତା।

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ସ୍ୱପ୍ନର ବିଦ୍ୟାଳୟ ପାଇଁ କିଛି କରିବାକୁ ବାଟ ଦେଖାଇଛି। ସ୍କୁଲ୍ କର୍ତ୍ତୃପକ୍ଷ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଆଜି ଢେଙ୍କାନାଳ ଜିଲ୍ଲାରେ ଏକ ପ୍ରତିଷ୍ଠିତ ବିଦ୍ୟାଳୟ ହୋଇପାରିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅମର କୁମାର ମଲ୍ଲିକ ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ଶ୍ରେୟ ଦେଇଛନ୍ତି। ୨୦୧୮ ମସିହାରେ ଏହି ସ୍କୁଲ୍ 'ମୋ ସ୍କୁଲ ଅଭିଯାନ'ରେ ଅନ୍ତର୍ଭୁକ୍ତ ହେବା ପରେ ସ୍କୁଲର ପୁରାତନ ଛାତ୍ରଛାତ୍ରୀ ପରସ୍ପର ସହ ସୋସିଆଲ ମିଡ଼ିଆ ମାଧ୍ୟମରେ ଯୋଡ଼ି ହୋଇଥିଲେ। ସମସ୍ତେ ଏକାଠି ହୋଇ ବିଦ୍ୟାଳୟ ଭିତ୍ତିଭୂମି ବିକାଶର ଯୋଜନା ପ୍ରସ୍ତୁତ କରିଥିଲେ । ୫ ଲକ୍ଷ ୭୨ ହଜାର ଟଙ୍କାର ଆର୍ଥିକ ସହାୟତା ସହ 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ରାଜ୍ୟ ସରକାରଙ୍କର ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୧୭ ଲକ୍ଷ ୧୬ ହଜାର ଟଙ୍କାରେ ସ୍କୁଲ୍‌ରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି।

ବିଦ୍ୟାଳୟର ମରାମତି କାର୍ଯ୍ୟ ସହ ପ୍ରାର୍ଥନା ଗୃହ, ଫାଟକ, ପାଚିରି ଓ ଛାତ୍ରଛାତ୍ରୀଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ କରାଯାଇଛି। ଅତ୍ୟାଧୁନିକ ସାଇନ୍ସ ସେଣ୍ଟର ଓ କ୍ରୀଡ଼ା ସେଣ୍ଟର ପ୍ରତିଷ୍ଠା ହୋଇଛି। ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ପାଇଁ ଇନ୍‌ଡୋର ଓ ଆଉଟ୍‌ଡୋର କ୍ରୀଡ଼ା ସାମଗ୍ରୀ କିଣାଯାଇଛି। ଉପଲବ୍ଧ ସମସ୍ତ ସୁବିଧା ସୁଯୋଗକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ ସ୍କୁଲ୍‌କୁ ଗୌରବାନ୍ୱିତ କରୁଛନ୍ତି। ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ କୁସ୍ତି ପ୍ରତିଯୋଗିତାରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ସହ ୨୦୨୦ ମସିହାରେ ଜାତୀୟସ୍ତରୀୟ ଥ୍ରୋ-ବଲ୍ ପ୍ରତିଯୋଗିତାର ଆୟୋଜନ କରିଛି। 'ମୋ ସ୍କୁଲ ଅଭିଯାନ'ର 'ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମ' ମାଧ୍ୟମରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭାରତୀୟ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟରତ ଡ. ଶ୍ରୀ ରବିନାରାୟଣ ମିଶ୍ର ବିଦ୍ୟାଳୟକୁ ପୋଷ୍ୟ ଭାବରେ ଗ୍ରହଣ କରିବା ସହ ସ୍କୁଲ୍‌ର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମରେକେଲ

"ସ୍କୁଲ ଗଢ଼ିଥିଲା ଆମକୁ, ଆମେ ଗଢ଼ିବୁ ସ୍କୁଲକୁ"

ବୈଜ୍ଞାନିକଙ୍କ ଠାରୁ ଆରମ୍ଭକରି ଅଧ୍ୟାପକ, ଶିକ୍ଷକ, କୃଷକ, ସମସ୍ତଙ୍କୁ ଗଢ଼ିତୋଳିଛି ବରଗଡ଼ ଜିଲ୍ଲାରେ ଥିବା ମରେକେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ସ୍କୁଲ୍‌ରେ ପାଠ ପଢ଼ି ଆଜି ଅନେକ ଛାତ୍ରଛାତ୍ରୀ ଆଜି ଦେଶ ବିଦେଶରେ ପ୍ରତିଷ୍ଠିତ ହୋଇଛନ୍ତି। ସେଥିପାଇଁ ଏବେ ବି ସ୍କୁଲ୍ କଥା କହିଲେ ସେମାନେ ଉତ୍ସାହର ସହ ପୁରୁଣା ସ୍ମୃତିକୁ ମନେପକାନ୍ତି। ଯେଉଁ ସ୍କୁଲ୍ ଦିନେ ତାଙ୍କୁ ଗଢ଼ିଥିଲା, ସେହି ସ୍କୁଲ୍‌କୁ ନିଜ ହାତରେ ନୂଆ ରୂପରେ ଗଢ଼ିବାକୁ ଆଗେଇ ଆସନ୍ତି।

ଦେଶ ସ୍ୱାଧୀନ ହେବା ପରେ ପରେ ୧୯୫୫ ମସିହାରେ ସ୍ଥାପିତ ହୋଇଥିଲା ମରେକେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସେତେବେଳେ ପ୍ରତିକୂଳ ପରିସ୍ଥିତିରେ ଚଟାଣରେ ବସି ପିଲା ପାଠ ପଢୁଥିଲେ। ନା ଥିଲା ପିଇବା ପାଣିର ସୁବିଧା ନା ଥିଲା ଶୌଚାଳୟ । ଏହାପରେ ବି ଏଠାରୁ ପାଠପଢ଼ି ଅନେକ ଛାତ୍ରଛାତ୍ରୀ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢ଼ିପାରିଥିଲେ। ନିଜେ ସାମ୍ନା କରିଥିବା ସମସ୍ୟା ଯେପରି ବର୍ତ୍ତମାନର ପିଢ଼ି ସାମ୍ନା ନ କରନ୍ତୁ, ସେଥିପାଇଁ ଆଜି ସେମାନେ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ନିଜ ସ୍କୁଲ୍ ସହ ଯୋଡ଼ି ହୋଇଛନ୍ତି। ରାଜ୍ୟ ସରକାରଙ୍କ ସହ ମିଶି ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

କେବଳ ପୁରାତନ ଛାତ୍ରଛାତ୍ରୀ ନୁହଁନ୍ତି, ସ୍ଥାନୀୟ ଲୋକେ, ଅଭିଭାବକ, ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଛନ୍ତି। କିଏ ଆର୍ଥିକ ସହାୟତା ଯୋଗାଇ ଦେଇଛି ତ କିଏ ବ୍ୟକ୍ତିଗତ ସହାୟତା । କିଏ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରୁଛି ତ ଆଉ କିଏ ପିଲାମାନଙ୍କୁ ଯୋଗ ଶିକ୍ଷା ଦେଉଛି। ସମସ୍ତେ ନିଜ ନିଜ ସକ୍ଷମ ଅନୁସାରେ ସହଯୋଗର ହାତ ବଢାଇଛନ୍ତି। ଏହାସହ ସମସ୍ତେ ମିଶି ୧ ଲକ୍ଷ ୨୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୩ ଲକ୍ଷ ୭୦ ହଜାର ଟଙ୍କାରେ ବିଦ୍ୟାଳୟ ଭଉଭୂମିର ବିକାଶ ହୋଇଛି। ବିଭିନ୍ନ ଖେଳ ଉପକରଣ କିଣାଯାଇଛି। କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣ ହୋଇଛି। ହାତଧୁଆ ବେସିନ୍ ସହ ଉଚ୍ଚ କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଲଗାଯାଇଛି। ପିଲାମାନଙ୍କୁ ଡିଜିଟାଲ ଟେକ୍ନୋଲୋଜୀରେ ଦକ୍ଷ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ଅଧୀନରେ ସ୍ମାର୍ଟ କ୍ଲାସ୍‌ରୁମ୍‌ର ବ୍ୟବସ୍ଥା କରାଯାଇଛି।

ଫତେଗଡ଼ ଉଚ୍ଚ ବିଦ୍ୟାଳୟ, ନୟାଗଡ଼
କ୍ୟାମ୍ପସ କହୁଛି ସଫଳତାର କାହାଣୀ

ନୟାଗଡ଼ ଜିଲ୍ଲାର ଫତେଗଡ଼ ଉଚ୍ଚ ବିଦ୍ୟାଳୟ, ଯାହାର କ୍ୟାମ୍ପସ୍ କୁହେ 'ମୋ ସ୍କୁଲ୍ ଅଭିଯାନ'ର ସଫଳତାର କଥା। ସ୍କୁଲ୍ ପରିସରରେ ଥିବା ପ୍ରତିଟି ଉପାଦାନ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତି ସଚେତନତାର ସହ ପ୍ରତିଷ୍ଠିତ। ସ୍କୁଲ୍‌ର ଟେବୁଲ୍, ବେଞ୍ଚ୍‌ରୁ ଆରମ୍ଭକରି ଖେଳପଡ଼ିଆ ପର୍ଯ୍ୟନ୍ତ, ସବୁକିଛି ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି।

ଅଶୀଦଶକର ଏହି ବିଦ୍ୟାଳୟରେ ପାଠ ପଢ଼ିଛନ୍ତି ହଜାର ହଜାର ଛାତ୍ରଛାତ୍ରୀ। ଦେଶ ବିଦେଶରେ ନାଁ କରିବା ସହ ବିଦ୍ୟାଳୟ ପାଇଁ ଆଣି ଦେଇଛନ୍ତି ଗର୍ବ ଓ ଗୌରବ। ଯେଉଁ ସ୍କୁଲ ଦିନେ ସେମାନଙ୍କୁ ଗଢ଼ିତୋଳିଥିଲା ଆଜି ସେହି ସ୍କୁଲକୁ ଗଢ଼ିତୋଳିବାକୁ ଶପଥ ନେଇଛନ୍ତି ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀ। ସେମାନଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟ ଭିତ୍ତିଭୂମିରେ ହୋଇଛି ଅନେକ ବିକାଶ । ସୁନ୍ଦର ବଗିଚା, ପ୍ରଶସ୍ତ ସାଇକେଲ ଷ୍ଟାଣ୍ଡ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଅତ୍ୟାଧୁନିକ ସାଂସ୍କୃତିକ ମଞ୍ଚ, ଏକ ଆକର୍ଷଣୀୟ ସ୍କୁଲ ଗେଟ୍, ହ୍ୟାଣ୍ଡୱାସ୍ ୟୁନିଟ୍, ଡୁଆଲ୍ ଡେସ୍କ ସହ ସ୍ମାର୍ଟ କ୍ଲାସ୍‌ରୁମ୍, ସ୍କୁଲ୍ ପରିସରରେ ଏମିତି ଅନେକ କିଛି 'ମୋ ସ୍କୁଲ୍ ଅଭିଯାନ' ଅଧୀନରେ କରାଯାଇଛି। ବିଦ୍ୟାଳୟର ଏହି ନୂତନ ଭିତ୍ତିଭୂମି ଏବଂ ସୃଷ୍ଟି ହୋଇଥିବା ପ୍ରତ୍ୟେକ ସାମଗ୍ରୀର ରକ୍ଷଣାବେକ୍ଷଣ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ୟାମ୍ପସ୍ ପରିସରରେ ସିସିଟିଭି ମଧ୍ୟ ଲଗାଯାଇଛି।

'ମୋ ସ୍କୁଲ୍' ମାଧ୍ୟମରେ ଫତେଗଡ଼ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ୩ ଲକ୍ଷ ୭୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୧ଲକ୍ଷ ୨୫ହଜାର ଟଙ୍କାରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରାଯାଇଛି। ଆଗାମୀ ଭବିଷ୍ୟତରେ ସ୍କୁଲ୍ ପରିସରରେ ଏକ ସମ୍ମିଳନୀ କକ୍ଷ କରିବା ପାଇଁ ଯୋଜନା ରଖିଛି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ। ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପୂର୍ଣ୍ଣ ସହଯୋଗ ପାଇଁ ଏ ସଫଳତା ମିଳିପାରିଛି ବୋଲି କହିଛନ୍ତି ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀ ତୋଫାନ ପ୍ରଧାନ।

ବିବେକାନନ୍ଦ ବିଦ୍ୟାପୀଠ, ବହୁଗ୍ରାମ

ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଗୁରୁତ୍ୱ

ବିବେକାନନ୍ଦଙ୍କ ଆଦର୍ଶରେ ଛାତ୍ରଛାତ୍ରୀଙ୍କୁ ଗଢ଼ିତୋଳିବା ପାଇଁ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିଲା ବିବେକାନନ୍ଦ ବିଦ୍ୟାପୀଠ। କଟକ ସହରଠାରୁ ମାତ୍ର ୧୭ କିଲୋମିଟର ଦୂରରେ ଅବସ୍ଥିତ ଏହି ସ୍କୁଲ ୧୯୬୯ ମସିହାରେ ସରକାରୀ ମାନ୍ୟତା ପାଇଥିଲା । ତେବେ ପୁରାତନ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ୨୦୨୧ ମସିହାରେ ଏହି ସ୍କୁଲ୍ 'ମୋ ସ୍କୁଲ' ସହ ଯୋଡ଼ି ହୋଇଥିଲା । ଏହି ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମିଶି ୬୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କାରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି ।

'ମୋ ସ୍କୁଲ' ଦ୍ୱାରା ବିଦ୍ୟାଳୟର ଭିତ୍ତିଭୂମିରେ ବ୍ୟାପକ ଉନ୍ନତି ହେବା ସହ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରିଛି । ଏହି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ କ୍ୟାମ୍ପସ୍ ସ୍ୱଚ୍ଛତାକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଛି । ସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ପୃଥକ ଭାବରେ ଶୌଚାଳୟ ନିର୍ମାଣ କରାଯାଇଛି। ୱାସ୍‌ବେସିନ୍ ସହ ଥଣ୍ଡା ପାନୀୟଜଳର ବ୍ୟବସ୍ଥା କରାଯାଇଛି । ଏହାସହ ଶ୍ରେଣୀଗୃହଗୁଡ଼ିକର ନବୀକରଣ ମଧ୍ୟ କରାଯାଇଛି ।

ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ପ୍ରତ୍ୟେକ ପିଲାଙ୍କର ବ୍ଲଡ୍ ଗ୍ରୁପ୍ ଟେଷ୍ଟ କରାଯାଉଛି । କେବଳ ସେତିକି ନୁହେଁ, ପୁରାତନ ଛାତ୍ରଛାତ୍ରୀମାନେ ମିଶି ପିଲାମାନଙ୍କୁ କ୍ୟାରିୟର କାଉନସେଲିଂ ମାଧ୍ୟମରେ ଭବିଷ୍ୟତ ପାଇଁ ମାର୍ଗଦର୍ଶନ କରୁଛନ୍ତି। ସରକାରଙ୍କ ଏହି ଅନନ୍ୟ ପଦକ୍ଷେପ ଦ୍ୱାରା ପୁରାତନ ଛାତ୍ରଛାତ୍ରୀଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ଉପଯୋଗ କରି ବିଦ୍ୟାଳୟ ଭବିଷ୍ୟତ ପିଢ଼ିକୁ ସୁନାଗରିକ ଭାବରେ ଗଢ଼ିବାର ପ୍ରଚେଷ୍ଟା ଜାରିରଖିଛି ।

'ମୋ ସ୍କୁଲ୍' ଖବର

୩ୟ ପର୍ଯ୍ୟାୟରେ ରୂପାନ୍ତରିତ ହେବ ୩୦ ଜିଲ୍ଲାର ୨ ହଜାରରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପରେ ବଳକା ଥିବା ୪୩୧୦ଟି ଉଚ୍ଚ ବିଦ୍ୟାଳୟରୁ ୨ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ୩ୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥର ସରକାରୀ ବିଦ୍ୟାଳୟ ସହ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରିବାକୁ ରାଜ୍ୟ ସରକାର ସ୍ଥିର କରିଥିବା ବେଳେ ଗୁଣାତ୍ମକ କାର୍ଯ୍ୟକୁ ସର୍ବାଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ବିଦ୍ୟାଳୟଗୁଡ଼ିକରେ ବିଶ୍ୱସ୍ତରୀୟ ମାନରେ ଭିତ୍ତିଭୂମି ବିକାଶ ସହ ପିଲାଙ୍କ ପାଠପଢାରେ କିଭଳି ଉନ୍ନତି ଅଣାଯାଇପାରିବ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ କୁହାଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭଳି ତୃତୀୟ ପର୍ଯ୍ୟାୟରେ ମଧ୍ୟ ସିଏସ୍ଆର୍ ପାଣ୍ଠିରୁ ମିଳୁଥିବା ଅନୁଦାନ ସହ 'ମୋ ସ୍କୁଲ୍'ର ଦୁଇଗୁଣା ସହାୟତା ରାଶିକୁ ମିଶାଇ ପ୍ରତ୍ୟେକ ବିଦ୍ୟାଳୟର ବିକାଶ କାର୍ଯ୍ୟ କରାଯିବ।

ରୂପାନ୍ତର ପାଇଁ ମନୋନୀତ ହୋଇଥିବା ପ୍ରତ୍ୟେକ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନଗାର ତଥା ସାଇନ୍ସ ଲାବୋରେଟୋରୀ ନିର୍ମାଣ କରାଯିବା ସହ ପାନୀୟଜଳ ଏବଂ ପରିମଳ ବ୍ୟବସ୍ଥା, ସ୍କୁଲ୍ କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। '୫-ଟି' ଅଧୀନରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ 'ମୋ ସ୍କୁଲ୍' ପକ୍ଷରୁ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ହେବାଲାଗି ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା, ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ପାଇଁ ଭର୍ଚୁଆଲ ଟ୍ରେନିଂ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଲକ୍ଷ୍ୟ ରହିଛି। ୨୦୨୧ ମସିହା ଜାନୁୟାରୀ ୧୨ ତାରିଖରେ ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମ ଅଧୀନକୁ ଆସିଥିଲା 'ମୋ ସ୍କୁଲ୍ ଅଭିଯାନ'। '୫-ଟି' ନୀତିର ପ୍ରୟୋଗରେ ମୋ ସ୍କୁଲ୍ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟର ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ଏବଂ ଶୈକ୍ଷିକ ବାତାବରଣକୁ ସର୍ବୋତ୍କୃଷ୍ଟ କରିବାକୁ ୨୦୨୧ ମାର୍ଚ୍ଚ ମାସରେ '୫-ଟି' ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ହୋଇଥିଲା। 'ମୋ ସ୍କୁଲ୍ ଅଭିଯାନ' ସମେତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲ୍ଲା ପ୍ରଶାସନ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ମାଧ୍ୟମିକ ଶିକ୍ଷା ପରିଷଦ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ୍ ଏସ୍ସିଇଆରଟି) ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦୭୫ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୯୦୭ ଟି ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି।

ଗଣିତ, ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, 21st century skills ଶିକ୍ଷାକୁ ଗୁରୁତ୍ୱ

ଗଣିତ, ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଏବଂ 21st century skillsରେ ସରକାରୀ ସ୍କୁଲ୍ର ପିଲାମାନଙ୍କୁ ଅଧିକ ଦକ୍ଷ କରିବାକୁ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ପୁରାତନ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସଂଗଠନ ମାଧ୍ୟମରେ ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛି। ଆଗାମୀଦିନରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଅଧିକରୁ ଅଧିକ ସ୍କୁଲ୍ ଏବଂ ଛାତ୍ରଛାତ୍ରୀ ଯେପରି ଏହାଦ୍ୱାରା ଉପକୃତ ହୋଇପାରିବେ ତାହାଉପରେ ଗୁରୁତ୍ୱ ଦିଆଯିବ। ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏନେଇ 'ମୋ ସ୍କୁଲ୍ ଅଭିଯାନ' କାର୍ଯ୍ୟନିର୍ବାହୀ ପରିଷଦ ନିଷ୍ପତ୍ତି ନେଇଛି। ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ସହ ମୋ ସ୍କୁଲ୍ ଅଭିଯାନ ମିଳିତ ଭାବରେ କାର୍ଯ୍ୟକରିବ। ସ୍କୁଲ୍ଗୁଡ଼ିକରେ ପାଳନ ହେଉଥିବା ପ୍ରମୁଖ ଦିବସଗୁଡ଼ିକରେ ବୈଜ୍ଞାନିକ ଏବଂ ବିଶିଷ୍ଟ ବିଜ୍ଞାନ ଶିକ୍ଷାବିତ୍ମାନଙ୍କୁ ନିମନ୍ତ୍ରଣ କରିବା ସହ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରିବାକୁ ଓଡ଼ିଶା ବିଜ୍ଞାନ ଏକାଡେମୀ ପ୍ରସ୍ତାବ ଦେଇଛି। ସେହିଭଳି ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ରୂପାନ୍ତରିତ ହୋଇଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କୁ କୋଡିଂ ଶିକ୍ଷାଦାନ ଉଦ୍ଦେଶ୍ୟରେ ୧୦୭୬ ହାଇସ୍କୁଲ୍ରେ କୋଡ୍ କ୍ଲବ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୨୦୨୨ ଜୁଲାଇ ମାସ ଶେଷ ସୁଦ୍ଧା ୩୦ଟି ଜିଲ୍ଲାର ୪୧୩ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କୋଡିଂ ଏବଂ ପ୍ରୋଗ୍ରାମିଂରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

'ମୋ ସ୍କୁଲ୍' ଅଧ୍ୟକ୍ଷାଙ୍କ ସହ ଆଲୋଚନା କଲେ ଜାତୀୟ ଶିକ୍ଷା ନୀତି ଫୋକସ୍ ଗ୍ରୁପ୍

ଗୋଷ୍ଠୀ ସହଭାଗିତାର ଏକ ସଫଳ ନିଦର୍ଶନ 'ମୋ ସ୍କୁଲ୍': ପଦ୍ମଶ୍ରୀ ଗିରିଶ ପ୍ରଭୁଣେ

ଜାତୀୟ ଶିକ୍ଷା ନୀତି ୨୦୨୦ର ଏକ ଫୋକସ୍ ଗ୍ରୁପ୍ ୨୦୨୨ ମେ' ମାସ ୧୧ ତାରିଖରେ 'ମୋ ସ୍କୁଲ୍ ଅଭିଯାନ' କାର୍ଯ୍ୟାଳୟ ପରିଦର୍ଶନରେ ଆସିବା ସହ ଶିକ୍ଷା କ୍ଷେତ୍ରରେ ଗୋଷ୍ଠୀ ସହଭାଗିତାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଶିଶୁଯତ୍ନ ଶିକ୍ଷା, ବିଦ୍ୟାଳୟ ଶିକ୍ଷା ଏବଂ ପ୍ରୌଢ଼ ଶିକ୍ଷାର ପାଠ୍ୟଖସଡ଼ା ପ୍ରସ୍ତୁତି ଲାଗି କେନ୍ଦ୍ର ସରକାର ଗଠନ କରିଥିବା ୨୫ଟି ଜାତୀୟ ଫୋକସ୍ ଗ୍ରୁପ୍ ମଧ୍ୟରୁ ଏହି ଗ୍ରୁପ୍ ଅନ୍ୟତମ।

'ମୋ ସ୍କୁଲ୍' ପରିଦର୍ଶନ ଅବସରରେ ଜାତୀୟ ଫୋକସ୍ ଗ୍ରୁପ୍‌ର ଅଧ୍ୟକ୍ଷ ପଦ୍ମଶ୍ରୀ ଗିରିଶ ପ୍ରଭୁଣେ 'ମୋ ସ୍କୁଲ୍' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ୪ବର୍ଷ ମଧ୍ୟରେ ଏହି ଅଭିଯାନ କିଭଳି ବିଶ୍ୱର ସର୍ବବୃହତ୍ ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମରେ ପରିଣତ ହୋଇଛି ସେ ସମ୍ପର୍କରେ ଶ୍ରୀମତୀ ବାଗ୍‌ଚୀ ଫୋକସ୍ ଗ୍ରୁପ୍‌ର ସଦସ୍ୟମାନଙ୍କୁ କହିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ 'ମୋ ସ୍କୁଲ୍' କେବଳ ଓଡ଼ିଶାର ସରକାରୀ ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ଆଣିନାହିଁ, ଏହା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି। ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବଢ଼ିବା ସହ ପରୀକ୍ଷାଫଳରେ ମଧ୍ୟ ଉନ୍ନତି ଆସିଛି। ଆର୍ଥିକ ସହାୟତା ବ୍ୟତୀତ 'ମୋ ସ୍କୁଲ୍' ମାଧ୍ୟମରେ ନିଜେ ପଢ଼ିଥିବା ବିଦ୍ୟାଳୟ ସହ ଭାବଗତ ଭାବରେ ଯୋଡ଼ିହୋଇ ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍କୁଲ୍‌ର ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରୁଛନ୍ତି। ସେହିଭଳି 'ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମ' ଏବଂ 'ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପୂର୍ବଗୌରବ ଫେରାଇ ଅଣାଯାଇପାରିଛି। ଭିତ୍ତିଭୂମି ସହ ଶୈକ୍ଷିକ ପରିବେଶରେ ଅନେକ ପରିବର୍ତ୍ତନ ଅଣାଯାଇଛି।

'ମୋ ସ୍କୁଲ୍' ଏକ ଅଭିନବ କାର୍ଯ୍ୟକ୍ରମ ଏବଂ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ଦେଶର ସର୍ବବୃହତ୍ ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ ବୋଲି ଜାତୀୟ ଫୋକସ୍ ଗ୍ରୁପ୍‌ର ସଦସ୍ୟ ସଚିବ ଡ. ଲକ୍ଷ୍ମୀଧର ବେହେରା ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ଗୋଷ୍ଠୀ, ବେସରକାରୀ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଭାଗିତାରେ ସରକାରୀ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ 'ମୋ ସ୍କୁଲ୍' କାର୍ଯ୍ୟକ୍ରମ ଏକ ମାଇଲ୍‌ଷ୍ଟୋନ୍ ପ୍ରତିଷ୍ଠା କରିଥିବା ପଦ୍ମଶ୍ରୀ ଗିରିଶ ପ୍ରଭୁଣେ ଏହି ଅବସରରେ କହିଥିଲେ। ଆଗାମୀଦିନରେ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଭାଷାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଫୋକସ୍ ଗ୍ରୁପ୍‌ର ସଦସ୍ୟ ଥିବା ଆଇଆଇଟି କାନପୁରର ପ୍ରଫେସର ନଚିକେତା ତିୱାରୀ, ଜୟପ୍ରକାଶ ସିଂ, ଜତିଶ୍ୱରୀ ନୀଳକଣ୍ଠପ୍ରିୟା ଅମ୍ମା, ଡ. ବିଷ୍ଣୁମୋହନ ଦାସ, ଡ. ଟି.ଭି. ସୋମଶେଖର, 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପିଲାଙ୍କ ସ୍ୱପ୍ନରେ ଡେଣା ଯୋଡ଼ିଛି ସ୍କୁଲ୍ ରୂପାନ୍ତରଣ: ମୁଖ୍ୟମନ୍ତ୍ରୀ

ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଏବଂ ତା' ଭିତରେ ଭରି ରହିଛି ବିପୁଳ ସମ୍ଭାବନା। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ। ସ୍କୁଲ୍ ରୂପାନ୍ତରଣ ଆମ ପିଲାମାନଙ୍କର ସେହି ସ୍ୱପ୍ନରେ ଡେଣା ଯୋଡ଼ିପାରିଛି। ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ବିଦ୍ୟାଳୟକୁ ପିଲାମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଥିଲେ। ୨୦୨୨ ଜୁନ୍ ୧ ତାରିଖରେ ଖୋର୍ଦ୍ଧା, ବୌଦ୍ଧ, ମାଲକାନଗିରି, ସୋନପୁର ଏବଂ ମୟୁରଭଞ୍ଜ ଜିଲ୍ଲାର ୫୩୨ଟି ରୂପାନ୍ତରିତ ସ୍କୁଲ୍‌କୁ ଲୋକାର୍ପଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ୍ ଲୋକାର୍ପଣ ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସ୍କୁଲ୍ ରୂପାନ୍ତରଣ ପିଲାଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ପିଲାଙ୍କ ସ୍ୱପ୍ନ ସାକାର ହେଲେ ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ। ନୂଆ ଓଡ଼ିଶା ଗଠନର ଭିତ୍ତି ସ୍ଥାପିତ ହେବ। ଓଡ଼ିଶାର ସ୍କୁଲ୍ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ରୂପାନ୍ତର ଆଣିଥାଏ। ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କର ଏବଂ ନିଜ ପାଇଁ, ନିଜ ପରିବାର ପାଇଁ ଓ ନିଜ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ପିଲାମାନଙ୍କୁ ୫-ଟିର ମହତ୍ତ୍ୱ ବିଷୟରେ ବୁଝାଇ ସେ କହିଥିଲେ, ଟେକ୍ନୋଲୋଜୀ, ଟିମ୍‌ୱାର୍କ, ଟାଇମ୍ ଓ ଟ୍ରାନ୍ସପରେନ୍ସିର ପ୍ରୟୋଗରେ ଆସେ ରୂପାନ୍ତର। ଏ ରୂପାନ୍ତରଣର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ୍ ପରିଚାଳନା କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଏହି ଲୋକାର୍ପଣ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଉଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି, ମନ୍ତ୍ରୀମଣ୍ଡଳ ସଦସ୍ୟ, ଜିଲ୍ଲାପାଳ ଏବଂ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ସ୍କୁଲ୍‌ଗୁଡ଼ିକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୯୦୬ ବିଦ୍ୟାଳୟର ଲୋକାର୍ପଣ କରାଯାଇଥିଲା।

ରୂପାନ୍ତରିତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ କଥାହେଲେ 'ମୋ ସ୍କୁଲ୍' ଅଧ୍ୟକ୍ଷା

ସ୍ପୋକେନ୍ ଇଂଲିଶ କ୍ଲାସ୍, କ୍ୟାରିୟର କାଉନ୍‌ସେଲିଂ ଆୟୋଜନ କରିବାକୁ ପରାମର୍ଶ

'ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ' ଅଧୀନରେ ରାଜ୍ୟର ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବା ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ଶିକ୍ଷାର ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ଅନ୍ତର୍ଗତ ରୂପାନ୍ତରିତ ହୋଇଥିବା ୩୦୦ ଉଚ୍ଚ ବିଦ୍ୟାଳୟରେ ପାଇଲଟ୍ ପ୍ରକଳ୍ପ ଭାବରେ 'ଷ୍ଟୁଡେଣ୍ଟ୍ ଆସ୍ପିରେଶନ ପ୍ରୋଗ୍ରାମ' ଆରମ୍ଭ ହୋଇଛି। ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କୁ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମ ପ୍ରତି ଆକର୍ଷିତ କରିବାକୁ ସ୍କୁଲ୍ ଏବଂ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ 'ମୋ ସ୍କୁଲ୍' ପକ୍ଷରୁ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମର ଏକ ତାଲିକା ସ୍କୁଲ୍‌ଗୁଡ଼ିକୁ ପ୍ରଦାନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ତାହାର ଉପଯୋଗ କରିବାକୁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

'ଷ୍ଟୁଡେଣ୍ଟ୍ ଆସ୍ପିରେଶନ ପ୍ରୋଗ୍ରାମ' ଅନ୍ତର୍ଗତ କରାଯାଉଥିବା କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା ଏବଂ ତାହାର ସଫଳ ରୂପାୟନ ପାଇଁ 'ମୋ ସ୍କୁଲ୍' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ବିଭିନ୍ନ ସ୍କୁଲ୍‌ର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ହୋଇଥିବା ଏହି ଆଲୋଚନାରେ ସେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଆ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀମାନେ ଯେପରି କମ୍ୟୁନିକେଶନ ସ୍କିଲ୍ ଏବଂ ସ୍ପୋକେନ୍ ଇଂଲିଶରେ ଦକ୍ଷ ହୋଇପାରିବେ ତାହା ଉପରେ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକମାନେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆବଶ୍ୟକସ୍ଥଳେ ପୁରାତନ ଛାତ୍ରଛାତ୍ରୀ ଏବଂ ସ୍କୁଲ୍ ମେଣ୍ଟରମାନଙ୍କ ସହଯୋଗ ନେବାକୁ ସେ ପ୍ରଧାନଶିକ୍ଷକମାନଙ୍କୁ କହିଥିଲେ। ବର୍ତ୍ତମାନ ସମୟରେ ସରକାରୀ ସ୍କୁଲ୍‌ରେ ପଢ଼ିବାକୁ ପିଲାମାନଙ୍କର ଆଗ୍ରହ ବଢ଼ିଛି। ଏବେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାଇବା ଆମର ଦାୟିତ୍ୱ। ଆମ ପିଲାମାନଙ୍କ ପାଖରେ ଜ୍ଞାନର ଅଭାବ ନାହିଁ। ନିଜକୁ ପରିପ୍ରକାଶ କରିବାରେ ଯଦି ସେମାନେ ଦକ୍ଷ ହୋଇପାରିବେ ତାହାଲେ ଆଗକୁ ଯାଇ ଅନେକ ସଫଳତା ହାସଲ କରିବେ। ଏଥିପାଇଁ ପ୍ରଧାନଶିକ୍ଷକମାନଙ୍କ ନେତୃତ୍ୱରେ ସ୍କୁଲ୍‌ଗୁଡ଼ିକରେ ସ୍ପୋକେନ୍ ଇଂଲିଶ କ୍ଲାସ୍‌ର ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନ୍‌ସେଲିଂର ଆୟୋଜନ କରାଯାଇପାରିବ। ଭୋକେଶନାଲ୍ ଶିକ୍ଷା ସହ ଗଣିତ, ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଏବଂ **21st century skills**ରେ ପିଲାମାନଙ୍କୁ ଅଧିକ ଦକ୍ଷ କରିବାକୁ ଶ୍ରୀମତୀ ବାଗ୍‌ଚୀ ଯୋଗଦେଇଥିବା ସମସ୍ତ ପ୍ରଧାନଶିକ୍ଷକମାନଙ୍କୁ କହିଥିଲେ। ଏହି ବୈଠକରେ ଜିଲ୍ଲାସ୍ତରୀୟ ଶିକ୍ଷାଧିକାରୀମାନେ ଯୋଗଦେଇ ନିଜ ନିଜର ବ୍ଲକ୍ ଏବଂ ଜିଲ୍ଲାରେ ଗ୍ରହଣ କରାଯାଇଥିବା ବିଭିନ୍ନ ଆସ୍ପିରେଶନାଲ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଆଗାମୀଦିନରେ ରୂପାନ୍ତରିତ ହୋଇଥିବା ସମସ୍ତ ଉଚ୍ଚ ବିଦ୍ୟାଳୟରେ 'ଷ୍ଟୁଡେଣ୍ଟ୍ ଆସ୍ପିରେଶନ ପ୍ରୋଗ୍ରାମ' ଆରମ୍ଭ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ଅଧୀନରେ 'ମୋ ସ୍କୁଲ୍' ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଷ୍ଠାନ ସହ ମିଳିତ ଭାବରେ କୋଡ୍ କ୍ଲବ୍, ଶିକ୍ଷକ ପ୍ରଶିକ୍ଷଣ, ଲିଡରଶିପ୍ ଟ୍ରେନିଂ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି।



ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ

ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମିର ଉପଯୁକ୍ତ ବ୍ୟବହାର ନିମନ୍ତେ ୯୦ ଦିନିଆ 'ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଷ୍ଟାବିଲାଇଜେଶନ ପ୍ରୋଗ୍ରାମ' ଆରମ୍ଭ ହୋଇଛି। ବିଦ୍ୟାଳୟଗୁଡ଼ିକରେ ସୃଷ୍ଟି କରାଯାଇଥିବା ଅତ୍ୟାଧୁନିକ ସୁବିଧା ସୁଯୋଗ ଯେପରି ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିବ ସେନେଇ ରିପୋର୍ଟ ଦେବାକୁ ସ୍କୁଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ୩ୟ ପର୍ଯ୍ୟାୟ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହେବାପୂର୍ବରୁ ସ୍କୁଲଗୁଡ଼ିକରେ ବେସ୍‌ଲାଇନ୍ ସର୍ଭେ କରାଯିବା ସହ ପ୍ରଧାନଶିକ୍ଷକମାନଙ୍କ ସହ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯିବ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ରୂପାନ୍ତରିତ ସ୍କୁଲ୍‌ଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ହସ୍ତାନ୍ତର କରାଯିବ। ଏଥିଲାଗି ଏସ୍‌ଏଚ୍‌ଜିଗୁଡ଼ିକୁ ସେବା ପ୍ରଦାନକାରୀ ଭାବରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବ 'ମୋ ସ୍କୁଲ୍'। ଏନେଇ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟାୟକ୍ରମେ ଦାୟିତ୍ୱରେ ରହୁଥିବା ସମସ୍ତ ଏସ୍‌ଏଚ୍‌ଜି ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ଏନେଇ ପ୍ରଶିକ୍ଷିତ କରିବାକୁ କୁହାଯାଇଛି। 'ମୋ ସ୍କୁଲ୍' ମାଧ୍ୟମରେ ରାଜ୍ୟର ୩୦୦ ହାଇସ୍କୁଲ୍‌ରେ କାର୍ଯ୍ୟକାରୀ ହେଉଥିବା 'ଆସ୍ପିରେଶନାଲ ପ୍ରୋଗ୍ରାମ' ଅଧୀନରେ କୋଡିଂ, ଏକବିଂଶ ଶତାବ୍ଦୀ ଜ୍ଞାନକୌଶଳ, ପ୍ରକଳ୍ପ ସମ୍ବନ୍ଧୀୟ ଶିକ୍ଷା ଏବଂ ସ୍କୁଲ୍ ଏକ୍ୱଲେନ୍ସ ପ୍ରୋଗ୍ରାମକୁ ତ୍ୱରାନ୍ୱିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ମୋ ସ୍କୁଲ୍ ଅଭିଯାନ'ର ୩୬ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ରୂପାନ୍ତରିତ ସ୍କୁଲ୍‌ଗୁଡ଼ିକରେ ପ୍ରତିଷ୍ଠା ହୋଇଥିବା ଅତ୍ୟାଧୁନିକ ବିଜ୍ଞାନାଗାରର ସଦୁପଯୋଗ ପାଇଁ ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରାକ୍ଟିକାଲ ସାଇନ୍ସରେ ପ୍ରଶିକ୍ଷଣ ଦିଆଯିବ। ବିଜ୍ଞାନ ଏକାଡେମୀ ସହ ମିଳିତ ଭାବରେ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

ସ୍କୁଲ୍‌ସ୍ତରରେ ସର୍ଭିସ୍ ଭଲେଣ୍ଟିୟରିଂକୁ ପ୍ରୋତ୍ସାହନ

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ୨୦୧୭ ନଭେମ୍ବର ୧୪ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ୨୦୨୨ ନଭେମ୍ବର ୧୪ ତାରିଖରେ ଏହାର ୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ଏହି ଅବସରରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୬ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ମୁତାବକ ଚଳିତବର୍ଷ ଠାରୁ ସର୍ଭିସ୍ ଭଲେଣ୍ଟିୟରିଂକୁ ସର୍ବାଧିକ ପ୍ରୋତ୍ସାହନ ଦିଆଯିବ। ସେବା ପ୍ରଦାନ ମାଧ୍ୟମରେ 'ମୋ ସ୍କୁଲ୍' ସହ ଯେପରି ଅଧିକ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଡ଼ି ହୋଇପାରିବେ ତାହାଉପରେ ଗୁରୁତ୍ୱ ଦିଆଯିବ। ନିଜର ଦକ୍ଷତା, ଜ୍ଞାନକୌଶଳ ଓ ଅଭିଜ୍ଞତା ଅନୁଯାୟୀ ସେମାନେ ଭବିଷ୍ୟତ ପିଢ଼ିଙ୍କୁ ମାର୍ଗଦର୍ଶନ କରିବେ। ସେମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବେ ଓ ଭବିଷ୍ୟତ ପାଇଁ ଉଚିତ୍ ଦିଗ୍‌ଦର୍ଶନ ଦେବେ। 'ମୋ ସ୍କୁଲ୍' ତତ୍ତ୍ୱାବଧାନରେ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଏବଂ 'ମୋ ସ୍କୁଲ୍' ଜିଲ୍ଲାସ୍ତରୀୟ କମିଟି ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ।

ଉଚ୍ଚ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ 'ମ୍ୟାଥ୍‌ମେଟିକ୍ସ ମେଳା'

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ଓଡ଼ିଶା ବିଜ୍ଞାନ ଏକାଡେମୀ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସହ ମିଳିତ ଭାବରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛି। ନିକଟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ ବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିବା ବେଳେ ଆଗାମୀ ଭବିଷ୍ୟତରେ ମୋବାଇଲ୍ ସାଇନ୍ସ ଏକ୍ସିବିସନ୍ ଆୟୋଜନ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ପିଲାମାନଙ୍କ ମଧ୍ୟରେ ଗଣିତର ଲୋକପ୍ରିୟତା ବୃଦ୍ଧି ପାଇଁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥେମେଟିକ୍ସ ଆଣ୍ଡ୍ ଆପ୍ଲିକେସନ୍‌ସ ସହ ହାତ ମିଳାଇଛି 'ମୋ ସ୍କୁଲ୍'। ଉଭୟ ଅନୁଷ୍ଠାନର ସହଯୋଗରେ ଉଚ୍ଚ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ 'ମ୍ୟାଥ୍‌ମେଟିକ୍ସ ମେଳା' କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଗଣିତ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମଧ୍ୟ ଉଭୟ ମିଳିତ ଭାବରେ କାର୍ଯ୍ୟ କରିବେ।

ନିଯୁକ୍ତ ହେଲେ ୬୮୯୧ ଶିକ୍ଷକ, ଶିକ୍ଷୟିତ୍ରୀ
ଶିକ୍ଷକତା ବୃତ୍ତି ନୁହେଁ, ଏକ ସଂକଳ୍ପ: ମୁଖ୍ୟମନ୍ତ୍ରୀ

ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଇତିହାସ ସୃଷ୍ଟିକରିଛି । ଗତ ୩ ବର୍ଷ ମଧ୍ୟରେ ୧୪ ହଜାରରୁ ଅଧିକ ଶିକ୍ଷକଙ୍କୁ ଓଡ଼ିଶା ନିଯୁକ୍ତ କରିଛି । ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରନିର୍ମାତା । ଜାତିର ଗୌରବ । ଦେଶର ଭବିଷ୍ୟତ ପିଢିକୁ ଗଢ଼ିବାର ପବିତ୍ର ଦାୟିତ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନେଉଥିବା କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । ୨୦୨୨ ଅଗଷ୍ଟ ୧ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ୬,୮୯୧ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଥିଲେ, ପିଲାମାନେ ଅନନ୍ତ ସମ୍ଭାବନାର ପ୍ରତୀକ । ସେମାନଙ୍କ ମଧ୍ୟରେ ନୂଆ ଆଶା ଜାଗ୍ରତ କରିବା, ସେମାନଙ୍କ କଳ୍ପନାକୁ ଶକ୍ତିଦେବା ଏବଂ ଅଧ୍ୟୟନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନୀଶକ୍ତିର ବିକାଶ ସହିତ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ରାଜ୍ୟ ସରକାରଙ୍କ ୫-ଟି ରୂପାନ୍ତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିକ୍ଷା ହେଉଛି ରୂପାନ୍ତରର ଶକ୍ତିଶାଳୀ ମାର୍ଗ । ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା, ଟିମ୍ ୱାର୍କ, ସମୟ ଓ ରୂପାନ୍ତର ହେଉଛି ଆମ ପ୍ରଶାସନିକ ବ୍ୟବସ୍ଥାର ମନ୍ତ୍ର । ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୪୦୦୦ ସ୍କୁଲର ରୂପାନ୍ତର କାମ ସରିଲାଣି । ୨୦୨୩ ଡିସେମ୍ବର ସୁଦ୍ଧା ଆଉ ୪୮୦୦ ସ୍କୁଲ ରୂପାନ୍ତର କରାଯିବ ବୋଲି ସେ କହିଥିଲେ । ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆପଣଙ୍କ ଗାଁ, ଆପଣଙ୍କ ବ୍ଲକ୍‌ରେ ମଧ୍ୟ ଆପଣମାନେ ସ୍କୁଲର ନୂଆ ରୂପ ନିଶ୍ଚୟ ଦେଖିଥିବେ । ସ୍କୁଲ ରୂପାନ୍ତର ପିଲାଙ୍କ ଭିତରେ ନୂଆ ଉତ୍ସାହ ଆଣିଛି । ସେ ଉତ୍ସାହକୁ ଜୀବନର ସଫଳତାରେ ରୂପାନ୍ତର କରିବା ଦାୟିତ୍ୱ ଆପଣମାନଙ୍କର । ଆମ ଶିକ୍ଷକଙ୍କର ଜ୍ଞାନ, ତ୍ୟାଗ ଓ ନିଷ୍ଠା ହିଁ ଶିକ୍ଷା କ୍ଷେତ୍ରରେ ପ୍ରକୃତ ରୂପାନ୍ତର ଆଣିପାରିବ ବୋଲି ସେ କହିଥିଲେ ।

ଆପଣ 'ମୋ ସ୍କୁଲ୍' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚିରି ନିର୍ମାଣ, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁସୃଚିଜନିତ ସମସ୍ୟାର ସମାଧାନ କରିପାରିବେ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟସ୍ତରୀୟ କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ।

କେତୋଟି ସାଧାରଣ ପ୍ରଶ୍ନ

ମୁଁ କିପରି ଯୋଗଦାନ କରିବି ?

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ। ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ୍ ପ୍ରକଳ୍ପ ଆରମ୍ଭ କରିପାରିବେ।

କିଭଳି ଅର୍ଥ ଦାନ କରିବି ?

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ। ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ୍ ଗେଟୱେ ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାନ କରିହେବ। ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ। ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ। ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ ଗୁଣ ଯୋଗଦାନ ରହିବ। ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ। ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ।

ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?

ଦାନ ରାଶି ପାଇଁ 'ମୋ ସ୍କୁଲ୍' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ।

ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?

ହଁ। ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ। କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ୍' ପକ୍ଷରୁ କୌଣସି ଅନୁଦାନ ଦିଆଯିବ ନାହିଁ। ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ୍' ନିରୁତ୍ସାହିତ କରିଥାଏ। ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ।

ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ। ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ।

କିପରି ଯୋଗାଯୋଗ କରିବି ?

'ମୋ ସ୍କୁଲ୍' ଟିମ୍ ସହିତ ଞ୍ଜରବମଷକ୍ଟଙ୍କଞ୍ଚଅ ଞ୍ଜକ୍ଟଞ୍ଚମଷକ୍ଟକ୍ଷ.ସଭ ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ। ତା' ଛଡ଼ା ମୋ ସ୍କୁଲ୍ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ।

ଯୋଗାଯୋଗ:

ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ନିହାରିକା ନାୟକ
ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି, ମୋ ସ୍କୁଲ୍
+୯୧ ୯୯୩୭୩୬୩୦୦୭
niharika@moschool.in

ଅମରଜିତ ଜେନା
ଚିଫ୍ ଅପରେଟିଂ ଅଫିସର, ମୋ ସ୍କୁଲ୍
+୯୧ ୯୯୩୭୦୮୨୩୪୯
amarjit@moschool.in